# ଫସଲ ବୀମା ୱେବ୍ ପୋର୍ଟାଲରେ ନାହିଁ ମଧୁବନ ଗାଁ

- ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରୁ ବଞ୍ଚିତ ହେବେ ଶତାଧିକ ଚାଷୀ
- ଅଭିଯୋଗର ହେଉନି କାର୍ଯ୍ୟାନୁଷ୍ଠାନ, ପଞ୍ଜୀକରଣ ଅବଧି ବୃଦ୍ଧି ଦାବି



**ରସୁଲପୁର,୮।୮(ରଞ୍ଜିତ ରାଉତ):**

ରସୁଲପୁର ତହସିଲ ଅଧୀନରେ ୨୮ ପଞ୍ଚାୟତ ଓ ୧୭୪ ରାଜସ୍ୱ ଗ୍ରାମ ରହିଛି। ସେଥିମଧ୍ୟରୁ ମଧୁବନ ଗାଁ ପ୍ରଧାନମନ୍ତ୍ରୀ ଫସଲ ବୀମା ପଞ୍ଜୀକରଣ ପାଇଁ ଉଦ୍ଦିଷ୍ଟ ୱେବ ପୋର୍ଟାଲରେ ସ୍ଥାନିତ ହୋଇନାହିଁ। ଫସଲ ବୀମା ଯୋଜନାରେ ସାମିଲ ହେବା ପାଇଁ ୧୦ଅଗଷ୍ଟ ଶେଷ ତାରିଖ ଭାବରେ ଧାର୍ଯ୍ୟ କରାଯାଇଛି। ମାତ୍ର ପୋର୍ଟାଲରେ ନାଁ ମିଳୁ ନ ଥିବାରୁ ମଧୁବନ ଗାଁରେ ଧାନ, ଡାଲି ଜାତୀୟ, ପନିପରିବା ଫସଲ ଚାଷ କରୁଥିବା ଶତାଧିକ ଚାଷୀ ଫସଲ ବୀମା ଯୋଜନାରୁ ବଞ୍ଚିତ ହେବାକୁ ଯାଉଛନ୍ତି। ଏନେଇ ଚାଷୀମାନଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ଯାଜପୁର ଜିଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଛି। ହେଲେ ଏଯାଏ କୌଣସି ପଦକ୍ଷେପ ନିଆଯାଇନାହିଁ। ତେଣୁ ପଞ୍ଜୀକରଣ ଅବଧି ବଢ଼ାଇବା ସହ ପୋର୍ଟାଲରେ ରହିଥିବା ତ୍ରୁଟିବିଚ୍ୟୁତିକୁ ତୁରନ୍ତ ସଂଶୋଧନ କରିବାକୁ ଚାଷୀମାନେ ଦାବି କରିଛନ୍ତି।

ସୂଚନା ମୁତାବକ, ପରିବର୍ତ୍ତିତ ପାଣିପାଗ ସ୍ଥିତିରେ ଚାଷୀଙ୍କ ଫସଲରେ କ୍ଷତି ପହଞ୍ଚୁଛି। କ୍ଷତିଗ୍ରସ୍ତ ଚାଷୀ ଆତ୍ମହତ୍ୟା କରିବା ସହ ସେମାନଙ୍କ ପରିବାରର ଆର୍ଥିକ ମେରୁଦଣ୍ଡ ଦୋହଲିଯାଉଛି। ଏହାକୁ ଦୃଷ୍ଟିରେ ରଖି ଭାରତ ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା କାର୍ଯ୍ୟକାରୀ କରାଯାଉଛି। ଚାଷୀଙ୍କ ଦ୍ୱାରା ଉତ୍ପାଦିତ ଧାନ, ଡାଲି ଓ ତୈଳବୀଜ ଜାତୀୟ ଫସଲକୁ ବୀମା ପରିସରଭୁକ୍ତ କରାଯାଇଛି। ପ୍ରତ୍ୟେକ ପ୍ଲଟ ପିଛା ମାତ୍ର ୧ ଟଙ୍କା ଦେୟଦେଇ ଚାଷୀ ବୀମା ଯୋଜନାରେ ନାମ ପଞ୍ଜୀକରଣ କରିପାରିବେ। ଏଥିପାଇଁ ପ୍ରତ୍ୟେକ ପଞ୍ଚାୟତକୁ ଏକ ୟୁନିଟ୍ ଭାବରେ ଗ୍ରହଣ କରାଯାଇଛି। ଆଗଭଳି ରାଜ୍ୟ, ଜିଲା ଓ ବ୍ଲକରେ କ୍ଷୟକ୍ଷତି ଆଧାରରେ ନୁହେଁ ବରଂ ଗୋଟିଏ ପଞ୍ଚାୟତରେ ଫସଲରେ ହେଉଥିବା କ୍ଷୟକ୍ଷତିକୁ ଆକଳନ କରାଯାଇ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ସରକାରୀ ନିୟମ କରାଯାଇଛି। ସରକାରଙ୍କ ପରିବର୍ତ୍ତିତ ନିୟମରୁ ଚାଷୀ ବିଶେଷ ଉପକୃତହେବେ ବୋଲି ଆଶାବାନ୍ଧି ଥିବାବେଳେ ୱେବ ପୋର୍ଟାଲରେ ମଧୁବନ ମୌଜା ନାମ ଉଲ୍ଲେଖ ନଥିବାରୁ ସେ ଅଞ୍ଚଳର ଚାଷୀ ଚିନ୍ତାଗ୍ରସ୍ତ ହୋଇପଡ଼ିଛନ୍ତି। ଚାଷୀ ସୁଧାଂଶୁ ରଥ, ନନ୍ଦକିଶୋର ରଥ, ଅଜୟ କଣ୍ଡ, ସୁମନ୍ତ ତରାଇ, ଚୈତନ୍ୟ ଚରଣ ରଥ, ଧନେଶ୍ୱର ତରାଇ ପ୍ରମୁଖ ଶତାଧିକ ଚାଷୀଙ୍କ ଅଭିଯୋଗ ହେଲା ମଧୁବନ ଅଞ୍ଚଳରେ ଉର୍ବର କୃଷିକ୍ଷେତ ରହିଛି। ଚାଷୀ ବର୍ଷକୁ ୩ରୁ ୪ କିସମର ଫସଲ ଉତ୍ପାଦନ କରୁଛନ୍ତି। ପରିବର୍ତ୍ତିତ ପାଣିପାଗ, ବର୍ଷା, ବନ୍ୟା, ବାତ୍ୟା ଓ ଅଚିହ୍ନା ରୋଗପୋକ ଦାଉରୁ ଫସଲରେ ହାନି ଘଟୁଛି। ଫସଲ ବୀମା ଥିଲେ ଚାଷୀଙ୍କ ବିଶେଷ ଫଳପ୍ରଦ ହୋଇପାରିବ। ହେଲେ ୱେବ ପୋର୍ଟାଲ ସେଥିରେ ବାଧକ ସାଜୁଛି। ତୁରନ୍ତ ଏଭଳି ତ୍ରୁଟିବିଚ୍ୟୁତିରେ ପରିବର୍ତ୍ତନ କରାଗଲେ ଚାଷୀ ଫସଲ ବୀମା ଯୋଜନାରୁ ଲାଭ ଉଠାଇପାରିବେ ବୋଲି ଯୁକ୍ତି ବାଢ଼ିଛନ୍ତି। ଏ ସମ୍ପର୍କରେ ବ୍ଲକ କୃଷି ଅଧିକାରୀ ବିଶ୍ୱଜୟୀ ମିଶ୍ରଙ୍କୁ ପଚାରିବାରୁ ସେ ଏ ନେଇ ଅବଗତ ନାହାନ୍ତି। ଘଟଣାକୁ ତଦନ୍ତ କରି ଦେଖିବା ସହ ତା'ର ଆଶୁ ସମାଧାନ ପାଇଁ ଯାଜପୁର ଜିଲା କୃଷି କାର୍ଯ୍ୟାଳୟକୁ ଅବଗତ କରାଇବେ ବୋଲି ମତବ୍ୟକ୍ତ କରିଛନ୍ତି। ମଧୁବନ ଅଞ୍ଚଳର ରାଜସ୍ୱ ନିରୀକ୍ଷକ ଦେବ ପ୍ରସାଦ ମହାନ୍ତଙ୍କୁ ପଚାରିବାରୁ ସେ କହିଛନ୍ତି, ବଡ଼କଇଞ୍ଚି ମୌଜାକୁ ମଧୁବନ ଓ କାଇଞ୍ଚିବାଡ଼ ଭଳି ଦୁଇଟି ମୌଜାରେ ବିଭକ୍ତ କରାଯାଇଛି। ଭୂ-ଲେଖ ପୋର୍ଟାଲରେ ମଧୁବନ ମୌଜା ଉଲ୍ଲେଖ ରହିଛି। ମାତ୍ର କୃଷି ବୀମା ଯୋଜନା ପୋର୍ଟାଲରେ କ'ଣ ଘଟୁଛି ସେ ସମ୍ପର୍କରେ ଅବଗତ ନାହାନ୍ତି। ଏହାଛଡ଼ା କେତେକ ପୋର୍ଟାଲରେ ବିଭାଜିତ ମୌଜାର ଅବସ୍ଥିତି ସମ୍ପର୍କରେ ସୂଚନା ନ ଥାଇପାରେ, ସେହି ସ୍ଥାନରେ ହିତାଧିକାରୀ ମୂଳମୌଜାକୁ ଯାଇ ଚେଷ୍ଟାକଲେ ହୁଏତ ପଞ୍ଜୀକରଣ ସୁବିଧା ମିଳିପାରିବ। ଏନେଇ ଅଭିଯୋଗ ଆସିଲେ ସ୍ଥିତି ଯାଞ୍ଚ କରି ପଦକ୍ଷେପ ନେବେ ବୋଲି ସେ ମତବ୍ୟକ୍ତ କରିଛନ୍ତି।

# ଖାଉଟି, ବ୍ୟବସାୟୀଙ୍କୁ ଆଳୁ ଚିନ୍ତା

**ଛତିଆ,୮।୮(ସୌମ୍ୟ ରଞ୍ଜନ ସାହୁ):**

ରାଜ୍ୟରେ ଆଳୁ ସଙ୍କଟ ଦେଖାଦେଇଥିବାରୁ ଦର ବୃଦ୍ଧି ହୋଇଛି। ଫଳରେ ଏହାକୁ ନେଇ ବ୍ୟବସାୟୀ ଓ ଖାଉଟିଙ୍କ ଚିନ୍ତା ବଢ଼ିଯାଇଛି। ଅନ୍ୟପକ୍ଷରେ ହାଟ ଓ ଗୋଦାମରୁ ଆଳୁ ଉଭାନ ହୋଇଯାଇଥିବା ଦେଖିବାକୁ ମିଳିଛି। ବଡ଼ଚଣା ବ୍ଲକ ଅନ୍ତର୍ଗତ ସର୍ବପୁରାତନ ହାଟଭାବେ ଚମ୍ପାପୁର ଉପରେ ବଡ଼ଚଣା ସମେତ ମାହାଙ୍ଗା, ଟାଙ୍ଗୀ ଓ ସାଲେପୁର ବ୍ଲକ୍ ଅଞ୍ଚଳର ହଜାରହଜାର ଖାଉଟି ନିର୍ଭର କରିଥାନ୍ତି। ହେଲେ ଏହି ହାଟରେ ଆଳୁ ମିଳୁ ନ ଥିବା ଦେଖିବାକୁ ମିଳିଛି। ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶରୁ ଆଳୁ ଟ୍ରକ୍ ଆସୁ ନ ଥିବାରୁ ଗୋଦାମ ମାଲିକ ବେପାର ବନ୍ଦ କରିଦେଇଛନ୍ତି। ଯେଉଁଠି କିଛି ଆଳୁ ଅଛି, ସେଠାରେ ଗୋଦାମ ମାଲିକ ଇଚ୍ଛା ମୁତାବକ ବିକ୍ରି କରୁଛନ୍ତି। ଏହି କାରଣରୁ ଉକ୍ତ ହାଟ ଉପରେ ପ୍ରଭାବ ପଡ଼ିଥିବା କୁହାଯାଉଛି। ସେହିପରି ଉଚ୍ଚାଦର ଓ ଖରାପ ଆଳୁ ପାଇଁ ଗ୍ରାହକ ମୁହଁ ଫେରାଇ ନେଉଛନ୍ତି। ଯାହାକି ଛୋଟ ଛୋଟ ବ୍ୟବସାୟୀଙ୍କ କ୍ଷତି ହେଉଥିବା ସେମାନେ ମତ ଦେଇଛନ୍ତି। କେବେ ଆଳୁଦରରେ ସୁଧାର ଆସିବ ସେ ନେଇ ବ୍ୟବସାୟୀମାନେ ଠିକ୍ ଭାବେ କହି ପାରୁନାହାନ୍ତି। ତୁରନ୍ତ ଏହି ସମସ୍ୟାର ସମାଧାନ କରିବା ପାଇଁ ବ୍ୟବସାୟୀ ଓ ଖାଉଟି ସରକାରଙ୍କ ନିକଟରେ ନିବେଦନ କରିଛନ୍ତି।

# ଆଇନ ସଚେତନତା ଶିବିର



ଆଇନ ସଚେତନତା ଶିବିରରେ ଯୋଗଦେଇଥିବା ଅତିଥି ଓ ଅଧିକାରୀ।

**ଯାଜପୁରରୋଡ୍,୮।୮ (ପବିତ୍ର ରଞ୍ଜନ ମହାନ୍ତି):**

ରାଜ୍ୟ ମହିଳା କମିଶନ ଓ ଜିଲା ସମାଜ ମଙ୍ଗଳ ବିଭାଗ ମିଳିତ ଆନୁକୂଲ୍ୟରେ ବ୍ୟାସନଗରସ୍ଥିତ ସଂସ୍କୃତି ଭବନଠାରେ ବ୍ଲକସ୍ତରୀୟ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ବିଧାୟକ ଆକାଶ ଦାସ ନାୟକ ଉଦ୍‌ଘାଟନ କରିଥିଲେ। ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଡ. ମିନତି ବେହେରା ଓ ପରାମର୍ଶଦାତା ଡ. ଏନ୍. ଟୁନା ସାହୁ ପ୍ରମୁଖ ଯୋଗଦେଇ ଯୌତୁକ ନିର୍ଯାତନା ଆଇନ ୧୯୬୧, ମହିଳା ସୁରକ୍ଷା ଆଇନ ୨୦୦୫, ପୋକ୍ସୋ ଆଇନ ୨୦୧୨, ଯୌନ ନିର୍ଯାତନା, ନାବାଳିକା ବିବାହ ଆଇନ, ସାଇବର ଅପରାଧରେ ପୋଲିସର ଭୂମିକା, କ୍ଷତିପୂରଣ ଆଇନ ଓ ଘୋରେଇ ନିର୍ଯାତନା ଆଇନ ସମ୍ପର୍କରେ ବୁଝାଇଥିଲେ। ବିଜୟିନୀ ସିଂହ, ସ୍ୱର୍ଣ୍ଣଲତା ସାମଲ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ଜିଲା ସମାଜ ମଙ୍ଗଳ ଅଧିକାରୀ ସବିତା ଚ୍ୟାଉ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ମହିଳା ସୁରକ୍ଷା ଅଧିକାର ଓ ନିର୍ଯାତନା ଆଇନ ସମ୍ପର୍କରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ କୋରେଇ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଦଳାଇ, ସମସ୍ତ ସରପଞ୍ଚ, ସମିତିସଭ୍ୟ, ଅଙ୍ଗନୱାଡ଼ି କର୍ମୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଉପସ୍ଥିତ ଥିଲେ।

# ବେଦାନ୍ତ ପକ୍ଷରୁ ପାଠ୍ୟ ଉପକରଣ ବଣ୍ଟନ




**କାଳିଆପାଣି,୮।୮(ଅସିତ ମହାନ୍ତ):**

ସୁକିନ୍ଦା ଖଣି ଅଞ୍ଚଳରେ କାର୍ଯ୍ୟ କରୁଥିବା ବେଦାନ୍ତ କମ୍ପାନୀ ପକ୍ଷରୁ କାଳିଆପାଣି ପଞ୍ଚାୟତ ଗୁରୁଜଙ୍ଗଠାରେ ଥିବା ଶ୍ରୀରାମ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ପାଠ୍ୟ ଉପକରଣ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ଖଣି ପରିଚାଳକ ଇଂ. ଅଜୟ ପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସ୍କୁଲ ବ୍ୟାଗ, ଖାତା, ପେନ ଓ ପାଣି ବଟଲ ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାର୍ଥସାରଥୀ ବେହେରା, ମୋହିତ ସାହୁ, ହିମାଂଶୁ ମେଘୁଆଲ ଓ ସ୍ଥାନୀୟ ସରପଞ୍ଚଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ। କମ୍ପାନୀର ପାରିପାର୍ଶ୍ୱିକ ଉନ୍ନୟନ ଯୋଜନାରେ ଗୁଣାତ୍ମକ ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ଏହି ପ୍ରୟାସ ଜାରି ରହିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

**ଚଢ଼େଇଧରା,୮।୮(ଦିଲୀପ ପରିଡ଼ା):**

ଧର୍ମଶାଳା ବ୍ଲକ୍ ଅଧୀନ ମଧୁପୁରଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଶିଶୁ ମନ୍ଦିର ପରିଚାଳନା କମିଟି ସଭାପତି ଆଶାତରୁ ନାୟକ ଏଥିରେ ସଭାପତିତ୍ୱ କରିବା ସହିତ ଏହାର ଆଭିମୁଖ୍ୟ ଆଲୋଚନା କରିଥିଲେ। ମୁଖ୍ୟଅତିଥି ଭାବରେ ଅବସରପ୍ରାପ୍ତ ଅଧ୍ୟକ୍ଷ ସନ୍ତୋଷ କୁମାର ବେହେରା ଯୋଗଦେଇ ପ୍ରକଳ୍ପ ପରିଦର୍ଶନ କରିବା ସହିତ ମାନବ ଜୀବନରେ ବିଜ୍ଞାନର ଆବଶ୍ୟକତା କ'ଣ ତାହା ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ସାମ୍ବାଦିକ ବସନ୍ତ ନାୟକ ଯୋଗ ଦେଇଥିଲେ। ପ୍ରଧାନଆଚାର୍ଯ୍ୟ ସୁବ୍ରତ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିବା ସହିତ ସ୍ୱାଗତ ଭାଷଣ ଦେଇଥିଲେ। ବିଚାରକ ଭାବେ ବିଜ୍ଞାନ ଶିକ୍ଷକ ପରିକ୍ଷିତ ରଥ, ତପନ କୁମାର ନାୟକ ଓ ଆଶୁତୋଷ ନାୟକ ପ୍ରମୁଖ ଯୋଗଦେଇ ମୂଲ୍ୟାଙ୍କନ କରିଥିଲେ। ଉପସଭାପତି କୁମୁଦିନୀ ଧୀରସାମନ୍ତ, କୋଷାଧ୍ୟକ୍ଷ ମହେଶ୍ୱତା ଦାସ ଓ ଦେବରଞ୍ଜନ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ସଞ୍ଚାଳନରେ ସହଯୋଗ କରିଥିଲେ। ବିଦ୍ୟାଳୟର ଗଣିତ ପ୍ରଶ୍ନ ମଞ୍ଚ, ବିଜ୍ଞାନ ପ୍ରଶ୍ନମଞ୍ଚ, ସଂସ୍କୃତ ଜ୍ଞାନ ପ୍ରଶ୍ନ ମଞ୍ଚ, ବିଜ୍ଞାନ ପ୍ରକଳ୍ପ, ଗଣିତ ପ୍ରକଳ୍ପ ଆଦି ବିଷୟରେ ୯୫ ଓ ପ୍ରଶ୍ନ ମଞ୍ଚରେ ମୋଟ ୬୬ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଗୁରୁମା ଜୟନ୍ତୀ ସ୍ୱାଇଁ ବୃତ୍ତ ପଠନ କରିଥିଲେ। ମଧୁସ୍ମିତା ପଣ୍ଡା ଫଳାଫଳ ଘୋଷଣା କରିଥିଲେ। ପ୍ରଭାସିନୀ ବେହୁରା, ରୁପଶ୍ରୀ ବେହେରା, ସସ୍ମିତା ରାୟ, ଲୁସି କବି, ତିଳୋତ୍ତମା ବାରିକ, ହରପ୍ରିୟା ଧୀର, ଜ୍ୟୋତିର୍ମୟୀ ବାରିକ, ନିବେଦିତା ନାୟକ ଓ ପ୍ରିୟଙ୍କା ନାୟକ ପ୍ରମୁଖ ସହଯୋଗ କରିଥିଲେ। ସମ୍ପାଦକ ଅଭିମନ୍ୟୁ ମହାନ୍ତି ଧନ୍ୟବାଦ ଦେଇଥିଲେ।


ଜ୍ଞାନବିଜ୍ଞାନ ମେଳାରେ ଯୋଗଦେଇଥିବା ଅତିଥି ଓ ଛାତ୍ରୀଛାତ୍ର।

# ଶୂନ୍ୟବ୍ରହ୍ମ ଅବିନାଶୀ ଆଶ୍ରମରେ ମହାପ୍ରୟାଣ ଦିବସ

**ପାଣିକୋଇଲି,୮।୮(ବିକାଶ ମଲ୍ଲିକ):**

କୋରେଇ ବ୍ଲକ ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତ ଗୋଲାପୋଖରୀ ଶୂନ୍ୟବ୍ରହ୍ମ ଅବିନାଶୀ ଆଶ୍ରମରେ ୫୪ତମ ମହାପ୍ରୟାଣ ଦିବସ ପାଳିତ ହୋଇଯାଇଛି। ଅବିନାଶୀ ଟ୍ରଷ୍ଟ କମିଟି ପକ୍ଷରୁ ଏଥି ନିମନ୍ତେ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ପ୍ରତ୍ୟୁଷରୁ ପତାକା ଉତ୍ତୋଳନ ପରେ ଯଜ୍ଞାରମ୍ଭ ହୋଇଥିଲା। ପରେ ନାମ ସଂକୀର୍ତ୍ତନ, ପ୍ରବଚନ ଓ ପସାଦ ସେବନ କରାଯିବା ସହ ରାତ୍ର ୧୧ଟାରେ ଯଜ୍ଞ ପୂର୍ଣ୍ଣାହୁତି କରାଯାଇଥିଲା। ଏହି ଅବସରରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ଡ. ଦେବେନ୍ଦ୍ର ନାଥ ନାୟକଙ୍କ ରଚିତ ନିୟତିର ଜୀବନଯାତ୍ରା, ଅରୂପବ୍ରହ୍ମଙ୍କ ଅଖଣ୍ଡଲୀଳା ଓ ଶିଶୁତତ୍ତ୍ୱ ପୁସ୍ତିକା 'ଅବିନାଶ' ଉନ୍ମୋଚିତ ହୋଇଥିଲା। ଅନୁଷ୍ଠାନ ପକ୍ଷରୁ ସଭାପତି ମହେନ୍ଦ୍ର ନାୟକ, ଉପସଭାପତି ମନମୋହନ ପଣ୍ଡା, ସମ୍ପାଦକ ରାଘବ ଚନ୍ଦ୍ର ସାହୁ, ସହ ସମ୍ପାଦକ ନବଘନ ସାହୁ, କୋଷାଧ୍ୟକ୍ଷ ରଞ୍ଜନ କୁମାର ନାଥ, କମିଟି ସଦସ୍ୟ ଗୋଲକ ସାହୁ, ଦୁର୍ଯ୍ୟୋଧନ ସାହୁ, ବୃନ୍ଦାବନ ମହାପାତ୍ର, ମକର କେତନ ମଲିକ, ଅନାଦି ଚରଣ ମଲିକ, ମଧୁସୂଦନ ମଲିକ, ରଘୁନାଥ ମଲିକ, କରୁଣାକର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅବିନାଶୀ ଆଶ୍ରମର ଭକ୍ତ, ଗ୍ରାମବାସୀ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ସହଯୋଗ କରାଯିବା ସହ ଶାନ୍ତି ଶୃଙ୍ଖଳା ପାଇଁ ପାଣିକୋଇଲି ପୋଲିସ ଅଧିକାରୀ ମୁତୟନ ହୋଇଥିଲେ।

# ସାମ୍ବାଦିକ, ଡାକ୍ତରଙ୍କ ମଧ୍ୟରେ ଗଣ୍ଡଗୋଳ

**ପାଣିକୋଇଲି,୮।୮(ବିକାଶ ମଲ୍ଲିକ):**

ପାଣିକୋଇଲି ଥାନା ଅନ୍ତର୍ଗତ ଶଙ୍ଖଚିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ସାମ୍ବାଦିକ ଓ ଡାକ୍ତରଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଏନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ ପକ୍ଷରୁ ଦୁଇଟି ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ଅନିୟମିତତା ନେଇ ଅଭିଯୋଗ ହେବାପରେ ସମ୍ବାଦିକ ରୁଦ୍ର ପାଢ଼ୀ ଓ ତାଙ୍କ ସହଯୋଗୀ ଆଲୋକ ଦାଶ ସେଠାରେ ପହଞ୍ଚି ଫଟୋ ଉତ୍ତୋଳନ କରୁଥିଲେ। ଏହି ସମୟରେ ଡାକ୍ତର ନିବେଦିତା ମହାନ୍ତି ତାଙ୍କ ସ୍ୱାମୀଙ୍କ ସହ ପହଞ୍ଚିଥିଲେ। ସାମ୍ବାଦିକ ସହିତ ଡାକ୍ତରଙ୍କ ସ୍ୱାମୀ ହିମାଂଶୁ କୁମାରଙ୍କ (ଯେକି କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଛନ୍ତି)ଙ୍କ ଯୁକ୍ତତର୍କ ହୋଇଥିଲା। ଡାକ୍ତର କ୍ୟାମେରା ଭାଙ୍ଗିବା ସହ ସାମ୍ବାଦିକ ରୁଦ୍ରଙ୍କୁ ମାଡ଼ ମାରିଥିବା ସେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ରୁଦ୍ର ଓ ତାଙ୍କ ସହଯୋଗୀ ଆଲୋକ ବାରମ୍ବାର ଟଙ୍କା ମାଗିବା ସହ ଧମକାଇଥିବା ଡାକ୍ତର ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ନଂ.୩୫୯/୨୪ ଓ ୩୬୦/୨୪ରେ ମାମଲା ରୁଜୁ ହୋଇଛି।

# ସ୍ୱାସ୍ଥ୍ୟ ଚିକିତ୍ସା ପରାମର୍ଶ ଶିବିର


ଶିବିରରେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

**ଛତିଆ,୮।୮(ସୌମ୍ୟ ରଞ୍ଜନ ସାହୁ):**

ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଗୁରୁବାର ସରପଞ୍ଚ ରମେଶ ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ଏକ ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ପକ୍ଷରୁ ଅନୁଷ୍ଠିତ ଶିବିରରେ ଶତାଧିକ ଲୋକ ଯୋଗଦେଇ ବିଭିନ୍ନ ବିଭାଗର ବିଶେଷଜ୍ଞଙ୍କଠାରୁ ପରାମର୍ଶ ଗ୍ରହଣ କରିବା ସହ ସାଧାରଣ ରୋଗର ପ୍ରାଥମିକ ଚିକିତ୍ସା କରାଇ ମାଗଣା ଔଷଧ ନେଇଥିଲେ। ଡାକ୍ତର ଦୀପକ କୁମାର ଦାସ, ଡାକ୍ତର ଏମ୍. ଏସ୍. ମୟୂରୀ, ଡାକ୍ତର ଆଶୁତୋଷ ଦାସଙ୍କ ସମେତ ୪ ଜଣ ସହକାରୀ ଡାକ୍ତର ଉପସ୍ଥିତ ରହି ସେବା ଯୋଗାଇଥିଲେ। ଶିବିରକୁ ମୁଖ୍ୟ ପ୍ରଯୋଜକ ଆଶୁତୋଷ ଦାସ ପରିଚାଳନା କରିଥିଲେ।

## ବ୍ୟାସନଗର ମହାବିଦ୍ୟାଳୟ ଅଧ୍ୟାପକଙ୍କ ପରଲୋକ

**ଯାଜପୁରରୋଡ୍,୮।୮ (ପବିତ୍ର ରଞ୍ଜନ ମହାନ୍ତି):**



ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ଇଂଲିଶ ଅଧ୍ୟାପକ ଦିଲୀପ କୁମାର ରାଉତଙ୍କ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୫୫ ବର୍ଷ ବୟସ ହୋଇଥିଲା। ସେ ଗତ କିଛି ଦିନ ହେବ ଭୁବନେଶ୍ୱର ଏମ୍ସହସ୍ପିଟାଲରେ ରହି ଚିକିତ୍ସାଧୀନ ଥିଲେ। ସେ ଜଣେ ଆଧ୍ୟାତ୍ମିକବାଦୀ, କର୍ତ୍ତବ୍ୟ ପାରାୟଣ ଓ ଛାତ୍ର ବତ୍ସଳ ଶିକ୍ଷକ ଥିଲେ। ତାଙ୍କ ପରଲୋକରେ ମହାବିଦ୍ୟାଳୟ ଅଧ୍ୟାପିକାଅଧ୍ୟାପକ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ମରଶରୀରକୁ ଏକ ଶୋଭାଯାତ୍ରାରେ ମହାବିଦ୍ୟାଳୟକୁ ନିଆଯାଇଥିଲା। ସେଠାରେ ମହାବିଦ୍ୟାଳୟ ଅଧ୍ୟକ୍ଷ ହିମାଂଶୁ ଦ୍ୱିବେଦୀଙ୍କ ସମେତ ସମସ୍ତ ଅଧ୍ୟାପିକାଅଧ୍ୟାପକ ଓ ଛାତ୍ରୀଛାତ୍ର ଶେଷ ଦର୍ଶନ କରିଥିଲେ। ପରେ ମରଶରୀରକୁ କୋପଣ୍ଡସ୍ଥିତ ତାଙ୍କ ବାସଭବନକୁ ନିଆଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

# ଫାଇଲେରିଆ ନିରାକରଣ ସଚେତନତା

**ବଡ଼ଚଣା,୮।୮(ଦିଲୀପ କୁମାର ମହାନ୍ତି):**

ବଡ଼ଚଣା ବ୍ଲକ ଅନ୍ତର୍ଗତ ନୂଆହାଟସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଫାଇଲେରିଆ ରୋଗ ନିରାକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପବିତ୍ର ମୋହନ ମାହାଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଓ ଏନ୍‌ଜିଓ କର୍ମଚାରୀ ଉପସ୍ଥିତ ରହି ଫାଇଲେରିଆ ରୋଗର କାରଣ ଓ ନିରାକରଣ ଉପରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସଚେତନ କରିଥିଲେ। ଅଧ୍ୟକ୍ଷ ମାହାଲା ଫାଇଲେରିଆ ରୋଗର ଭୟାବହତା ଉପରେ ଆଲୋଚନ କରିବା ସହ ଏହାର ନିରାକରଣ ନିମନ୍ତେ ବ୍ୟାପକ ସଚେତନତା ଓ ସାମୂହିକଭାବେ ଔଷଧସେବନ କରିବା ପାଇଁ ସମସ୍ତ ସ୍ୱେଚ୍ଛାସେବୀ ଓ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଯାଜପୁର ଜିଲା ଏନ୍‌ଟିଡି ସଂଯୋଜକ ସଂଗ୍ରାମ କେଶରୀ ଷଡ଼ଙ୍ଗୀ ଫାଇଲେରିଆ ରୋଗର କାରଣ, ଲକ୍ଷଣ ଓ ନିରାକରଣ ଉପରେ ବହୁ ଉପାଦେୟ ତଥ୍ୟ ପ୍ରଦାନ କରିବା ସହ ସଚେତନ ହୋଇ ଏହାର ସମୂଳ ବିନାଶ ନିମନ୍ତେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ମନୋରମ ସ୍ୱାଇଁ, ସୁଶ୍ରୀ କ୍ରିଷ୍ଣା ପ୍ରିୟଦର୍ଶିନୀ ସିଂହ ଓ ଅରଖପୁର ସ୍ୱାସ୍ଥ୍ୟକେନ୍ଦ୍ରର ୨ ସ୍ୱାସ୍ଥ୍ୟକର୍ମୀ ଯୋଗଦେଇ ବହୁ ଉପାଦେୟ ତଥ୍ୟ ପ୍ରଦାନ କରିବା ସହ ଛାତ୍ରୀଛାତ୍ରଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଜାତୀୟ ସେବା ଯୋଜନାର ସଂଯୋଜକ କିଶୋର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟାପକ ପ୍ରଦୀପ ବରାଳ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରାଧ୍ୟାପକ ପ୍ରମୋଦ କୁମାର ଖଣ୍ଡାଇ, ନାରାୟଣ ଚନ୍ଦ୍ର ମୁଦୁଲି, ଡାକ୍ତର ଦୀପକ ମିଶ୍ର, ପ୍ରିତମ ମିଶ୍ର, ଅଶୋକ ସାହୁ, ହରିନାରାୟଣ ସାହୁ, ଶମ୍ଭୁନାଥ ହେମ୍ବ୍ରମ, ସନ୍ତୋଷ ପୃଷ୍ଟି, ଡାକ୍ତର ଅମ୍ବିକା ତ୍ରିପାଠୀ, ନିରୁପମା ସ୍ୱାଇଁ, ରଶ୍ମିତା ସାଇଁ, ଶୁଭଶ୍ରୀ ସାହୁ, ଇପ୍ସିତା ସାହୁ ଓ ହେମଲତା ସାହୁ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ। ଅଧ୍ୟାପିକା ଗୀତାଞ୍ଜଳି ମହାନ୍ତି ଧନ୍ୟବାଦ ଦେଇଥିଲେ।



ଫାଇଲେରିଆ ନିରାକରଣ ସଚେତନତା ଶିବିରରେ ମଞ୍ଚାସୀନ ଅତିଥି।

**ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ ଅଭିଯୋଗ**

ରାଜନଗର,(ଭାସ୍କର ରାଉତରାୟ): ରାଜନଗର ଥାନା କଣ୍ଡିରା ଗାଁର ଦିଲୀପ କୁମାର ଦାସ (୪୮ )ଙ୍କ ସାପ କାମୁଡ଼ାରେ ମୃତ୍ୟୁ ହୋଇଥିବା ପରିବାର ଲୋକେ କହିଛନ୍ତି। ସୂଚନା ମୁତାବକ, ଦିଲୀପ ବାଙ୍ଗାଲୋରରେ କାମ କରନ୍ତି। ୪ଦିନ ତଳେ ଗାଁକୁ ଆସିଥିଲେ। ବୁଧବାର ରାତିରେ ତାଙ୍କୁ କ'ଣ କାମୁଡି ଦେଇଥିଲା। ତାଙ୍କ ଦେହ ଅସୁସ୍ଥ ଲାଗିବାରୁ ପରିବାର ଲୋକେ ତାଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବାର କିଛି ସମୟ ପରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କର ଭାଇ ଦୁଃଶାସନ ଦାସଙ୍କ କହିବା କଥା ହେଲା ଭାଇକୁ ସାପ କାମୁଡି ଦେବାରୁ ମେଡିକାଲ ଆଣିଥିଲୁ। ତାଙ୍କର ମୃତ୍ୟୁ ଘଟିଛି।

# ପଟ୍ଟାମୁଣ୍ଡାଇରେ ସ୍ପିଡ୍ ବାଇକ୍ ଚାଳକଙ୍କ ଉତ୍ପାତ

- ପୋଲିସର ନାହିଁ କଟକଣା
- ବିକଟାଳ ହର୍ନରେ ଫାଟିପଡୁଛି କାନ
- ବାଇକ୍ ଚାଳକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି

ପଟ୍ଟାମୁଣ୍ଡାଇ,୮।୮ (କଳ୍ପତରୁ ନାୟକ)



କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ସହର ଓ ଆଖପାଖ ଅଞ୍ଚଳରେ କେତେଜଣ ଯୁବକ ଦ୍ରୁତଗତିରେ ବାଇକ୍ ଚଳାଉଛନ୍ତି। ଏଥିସହ ଜାଣିଶୁଣି ବାଇକ୍‌ରେ ବିକଟାଳ ହର୍ନ ଲଗେଇ ବିଭିନ୍ନ ଉପାୟ ଅବଲମ୍ବନ କରି ଶବ୍ଦ ପ୍ରଦୂଷଣ କରୁଛନ୍ତି। ଯାହାକୁ ନେଇ ବାରମ୍ବାର ଦୁର୍ଘଟଣା ଘଟିବା ସହ ଅନ୍ୟ ପଥିକଙ୍କୁ ସମସ୍ୟାରେ ପକାଉଥିବା ଅଭିଯୋଗ ହେଉଛି। ହେଲେ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଜନସାଧାରଣ ଓ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

ବୁଦ୍ଧିଜୀବୀ ରମେଶ ଦେ କହିଛନ୍ତି, ପଟ୍ଟାମୁଣ୍ଡାଇରେ ଏବେ ସ୍ପିଡ୍ ବାଇକ୍ ଚାଳକଙ୍କ ଉତ୍ପାତ ବଢ଼ି ବଢ଼ି ଚାଲିଛି। ସହର ମଧ୍ୟରେ ୨୦ ରୁ ୩୦ କି.ମି. ଗତିରେ ବାଇକ୍ ଚଳାଇବାର ନିୟମ ଥିଲେ ମଧ୍ୟ ସ୍ପିଡ୍ ବାଇକ୍ ଚାଳକମାନେ ଏହାକୁ ଖାତିର କରୁନାହାନ୍ତି। ବାଇକ୍‌ର ବେଗ ଅଧିକ ସାଙ୍ଗକୁ ବିକଟାଳ ହର୍ନରେ କାନ ଫଟାଇ ଦେଉଛନ୍ତି। ନିଜେ ଦୁର୍ଘଟଣାର ଶିକାର ହେଉଛନ୍ତି, ଅନ୍ୟମାନଙ୍କୁ ମଧ୍ୟ ମୃତ୍ୟୁମୁଖକୁ ଠେଲି ଦେଉଛନ୍ତି। ଅତ୍ୟାଧୁନିକ ଉଚ୍ଚସ୍ୱର ହର୍ନ ସାଙ୍ଗକୁ ସାଇଲେନ୍ସର ଠାଏ ଠାଏ ବିକଟାଳ ଶବ୍ଦ ଲୋକମାନଙ୍କୁ ଅତିଷ୍ଠ କରିଦେଉଛି। ଏପରି ବାଇକ୍ ଚାଳକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ନିୟମ ଥିଲେ ମଧ୍ୟ ପଟ୍ଟାମୁଣ୍ଡାଇରେ ତାହା ପାଳନ କରାଯାଉନାହିଁ। ଯାହାକୁ ନେଇ ସ୍ପିଡ୍ ବାଇକ୍ ଚାଳକଙ୍କ ଉତ୍ପାତ ବଢ଼ି ବଢ଼ି ଚାଲିଛି। କେବଳ ଏତିକି ନୁହେଁ ପଟ୍ଟାମୁଣ୍ଡାଇର ବିଭିନ୍ନ ସ୍ଥାନରେ ବେଆଇନ ଭାବେ ଏପରି ସାଇଲେନ୍ସର ଅବାଧରେ ବିକ୍ରି ହେଉଥିବାବେଳେ ଏପରି ବ୍ୟବସାୟକୁ ରୋକାଯାଇ ପାରୁନାହିଁ। ଆଇନଜୀବୀ ସୌମ୍ୟରଞ୍ଜନ ଧଳ କହିଛନ୍ତି, ଏବେ ପଟ୍ଟାମୁଣ୍ଡାଇର ସ୍ପିଡ୍ ବାଇକ୍ ଚାଳକମାନେ ଡାକବଙ୍ଗଳା ଛକଠାରୁ ପୋଖରିଆପଡ଼ା ସ୍କୁଲ ଦେଇ କଲେଜରୋଡ ଛକ ଶିଶୁମନ୍ଦିର ରାସ୍ତା, ବକ୍ତାରପୁର ଛକ, ରାଜନଗର ରାସ୍ତା, ବିଜୁ ପଟ୍ଟନାୟକ ଛକରୁ ପୁରୁଣା ପୋଲ, କେନ୍ଦ୍ରାପଡ଼ା ରାସ୍ତା ସହିତ ବିଭିନ୍ନ ଜନଗହଳି ରାସ୍ତାରେ ଆତଙ୍କ ଖେଳାଉଛନ୍ତି। କେତେଜଣ ଯୁବକ କାର ସମ୍ମୁଖରେ ସର୍ପିଳ ଗତିରେ ଏପରି ବାଇକ୍ ଚଳାଉଛନ୍ତି ଯେ, ଅନ୍ୟ ଆରୋହୀମାନେ ଭୟଭୀତ ହୋଇ ପଡୁଛନ୍ତି। ରାତି ୮ଟା ପରେ ପରିସ୍ଥିତି ଜଟିଳ ହୋଇପଡୁଛି। ଅନ୍ଧାକାରରେ ବାଇକ୍ ମେନ ଷ୍ଟାଣ୍ଡକୁ ରାସ୍ତାରେ ଘଷିଘଷି ନିଆଁ ବାହାର କରୁଛନ୍ତି। ଏକାବେଳକେ ୩ରୁ ୪ ବାଇକ୍ ଚାଳକ ଏଭଳି ବିଭିନ୍ନ ରାସ୍ତାରେ ଉତ୍ପାତ ଓ ଆତଙ୍କ ଖେଳାଉଥିଲେ ମଧ୍ୟ ପୋଲିସ ପକ୍ଷରୁ ସେମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ସାମାଜିକ କର୍ମୀ ପ୍ରବୀର ନାୟକ କହିଛନ୍ତି, ଯୁବ ଗୋଷ୍ଠୀଙ୍କ ଦ୍ୱାରା ହାଇ ସ୍ପିଡ ବାଇକ୍ ଚାଳନା ସହ ବିକଟାଳ ହର୍ନ ଏବଂ ଗୋଟିଏ ବାଇକ୍‌ରେ ୩ରୁ ୪ଜଣ ବସି ଅତ୍ୟନ୍ତ ଦ୍ରୁତଗତିରେ ଯାଉଛନ୍ତି। କଲେଜରେ ପଢୁଥିବା ଛାତ୍ରୀଛାତ୍ରମାନେ ମଧ୍ୟ ସ୍କୁଟି ଓ ବାଇକ୍‌ରେ ଯିବା ଆସିବା କରୁଥିବାବେଳେ ହେଲମେଟ୍ ପିନ୍ଧୁ ନ ଥିବା ଦେଖିବାକୁ ମିଳୁଛି। କିଛିଦିନ ହେବ କେତେଜଣ ପିଲା ଦଳଦଳ ହୋଇ ବାଇକ୍‌କୁ ଦ୍ରୁତଗତିରେ ଚଳାଇ ପ୍ରତିଯୋଗିତା ବି କରୁଥିବା ଦେଖିବାକୁ ମିଳିଛି। ଏହି ଅମାନିଆ ପିଲାଙ୍କ ପାଇଁ ସହରରେ ଟ୍ରାଫିକ୍ ସମସ୍ୟା ସହ ଛୋଟ ବଡ଼ ଦୁର୍ଘଟଣା ନିୟମିତ ହେଉଛି। କିଛିଦିନ ତଳେ କଲେଜରୋଡର ଜଣେ ଯୁବକ ବାଇକ୍ ଚଳାଇବା ସହ ଭିଡିଓ ଶୁଟିଂ କରୁଥିବା ବେଳେ ଜଣେ କଲେଜ ଛାତ୍ରୀଙ୍କୁ ଦୁର୍ଘଟଣା ଘଟାଇଥିଲେ। ଦ୍ରୁତଗତିରେ ବାଇକ୍ ଚଳାଇ ଅନ୍ୟ ବାଇକ୍ ଚାଳକଙ୍କୁ ଅସୁବିଧାରେ ପକାଉଥିବା ବେଳେ ଜନସାଧାରଣ ଯିବା ଆସିବା କରିବାକୁ ଭୟ କରୁଛନ୍ତି। ପଟ୍ଟାମୁଣ୍ଡାଇ ଥାନା ପକ୍ଷରୁ କେତେବେଳେ କେମିତି ଯାଞ୍ଚ କରାଯାଉ ଥିଲେ ହେଁ ଏହା ଅଳ୍ପ କିଛି ସମୟ ପାଇଁ। ଏହି ସମୟରେ ନାବାଳକ ବାଇକ୍ ଚାଳକମାନେ ଅନ୍ୟ ସାହି ଓ ଗଳି ରାସ୍ତାରେ ଯିବା ଆସିବା କରୁଛନ୍ତି। ପରେ ମୁଖ୍ୟ ରାସ୍ତାକୁ ଆସି ଦ୍ରୁତଗତିରେ ବାଇକ୍ ଚଳାଉଛନ୍ତି। ପୋଲିସ ପକ୍ଷରୁ ଯାଞ୍ଚକୁ ନିୟମିତ କରିବା ସହ ନାବାଳକ ବାଇକ୍ ଚାଳକଙ୍କୁ ଧରିବା ସହ ସେମାନଙ୍କ ଅଭିଭାବକଙ୍କୁ କଡ଼ା ତାଗିଦ୍ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ରହିଛି। ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ କ୍ଷମାସାଗର ପଣ୍ଡାଙ୍କୁ ପଚାରିବାରେ ଚେକିଂ କରାଯାଇ ବାଇକ୍ ଚାଳକଙ୍କ ଉପରେ ଜରିମାନା ଆଦାୟ ହେଉଛି। ଆଗକୁ ଚେକିଂ କଡ଼ାକଡ଼ି କରାଯିବ ବୋଲି ସେ କହିଛନ୍ତି।

# କଷଣଅଣ୍ଟା ହାଇସ୍କୁଲରେ ମଣ୍ଡଳସ୍ତରୀୟ ପ୍ରତିଯୋଗିତା



ମଣ୍ଡଳସ୍ତରୀୟ ପ୍ରତିଯୋଗିତରେ ଯୋଗ ଦେଇଥିବା ଅତିଥିମାନେ।

ପଟ୍ଟାମୁଣ୍ଡାଇ,୮।୮ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ କଷଣଅଣ୍ଟା ହାଇସ୍କୁଲଠାରେ ମଣ୍ଡଳସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ଶିକ୍ଷା ମଣ୍ଡଳ ଅଧୀନରେ ଥିବା ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରଙ୍କ ପ୍ରତିଭା ଉନ୍ମେଷ ପାଇଁ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟସ୍ତରୀୟ ଶିକ୍ଷକ ନେତା ସିଆର୍‌ସିସି ମଳୟ ଜେନା ପୌରୋହିତ୍ୟ କରିଥିଲେ। ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷାଧିକାରୀ ହରିହର ଦଳାଇ ମୁଖ୍ୟ ଅତିଥି, ବିଆର୍‌ସିସି ଚନ୍ଦ୍ରଶେଖର ତ୍ରିପାଠୀ, ଏବିଇଓ ସୁନିତ ଦାଶ ସମ୍ମାନିତ ଅତିଥି, ପୂର୍ବତନ ପ୍ରଧାନ ଶିକ୍ଷକ ସଚିତ୍ର ବେହୁରା ମୁଖ୍ୟ ବକ୍ତା, କଷଣଅଣ୍ଟା ୟୁଜିୟୁପିଏସ୍‌ଏମ୍‌ସି ସଭାପତି ଉମେଶ ଜେନା, ପ୍ରଧାନ ଶିକ୍ଷକ ଶ୍ରୀମନ୍ତ ବେହୁରା ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସିଆରସିସି ସଞ୍ଜୟ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ସିଆର୍‌ସିସି ରଞ୍ଜନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତାରେ ବକ୍ତୃତା, ଚିତ୍ରାଙ୍କନ, ସଙ୍ଗୀତ ଆଦି ୩ଟି ବିଭାଗରେ ବିଭିନ୍ନ ସ୍କୁଲର ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମକୁ ହାଇସ୍କୁଲର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସିଆର୍‌ସିସି ପ୍ରଦୀପ ତରାଇ ଧନ୍ୟବାଦ ଦେଇଥିଲେ।

# ବରୁଣା ପାକ୍ସର ଟଙ୍କା କେଳେଙ୍କାରୀ ଘଟଣାରେ ମାମଲା ରୁଜୁ

ରାଜକନିକା,୮।୮ (ସଞ୍ଜୟ କୁମାର ଦାଶ)

କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ବରୁଣା ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ)ର ଟଙ୍କା କେଳେଙ୍କାରୀ ଘଟଣାରେ ଗୁରୁବାର ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ, ରାଜକନିକା ବ୍ଲକ ବରୁଣା ପାକ୍ସର ସମ୍ପାଦକ ଅସିତ କୁମାର ବେହୁରିଆ ଓ କଟକ ସେଣ୍ଟ୍ରାଲ କ୍ରେଡିଟ୍ କୋ-ଅପରେଟିଭ୍ ବ୍ୟାଙ୍କ ଲିଃର ଶାଖା ପରିଚାଳକଙ୍କ ନାମରେ ୩ ତାରିଖରେ ବଳରାମପୁର ପଞ୍ଚାୟତ ପାଟୁଳି ଗାଁର ଚାଷୀ ଧରଣୀଧର ନାୟକଙ୍କ ଅଗୋଚରରେ ଟଙ୍କା ଉଠାଣ ନେଇ ଥାନାରେ ଅଭିଯୋଗ ହୋଇଥିଲା। ପରେ ୪ ତାରିଖରେ ସାତଘରିଆ ଗାଁର ଚାଷୀ ସୂର୍ଯ୍ୟମଣି ସାହୁ ଓ ଚାଷୀ ପ୍ରିୟରଞ୍ଜନ ପରିଡା ଅଭିଯୋଗ ଆଣିଥିଲେ। ସେହିପରି ୬ ତାରିଖରେ ବଳରାମପୁର ପଞ୍ଚାୟତ ସାତଘରିଆ ଗାଁର ଉମାକାନ୍ତୀ ପରିଡାଙ୍କ ପାଇଁ ସ୍ୱାମୀ ମହେଶ୍ୱର ପରିଡା, ଛଦେଶ ଗାଁର ଚାଷୀ ଶିବାନନ୍ଦ ବେହେରା, ଭାଗୀରଥି ସାମଲ, ଇଚ୍ଛାପୁର ଗାଁର ଚାଷୀ କୃଷ୍ଣଚନ୍ଦ୍ର ପୃଷ୍ଟି, ଓଳାଭର ପଞ୍ଚାୟତ ଗୋବିନ୍ଦପୁର ଗାଁର ଚାଷୀ ଅଲେଖ ଚନ୍ଦ୍ର ସାହୁ ସ୍ତ୍ରୀ କମଳା ସାହୁଙ୍କ ପାଇଁ ସମ୍ପୃକ୍ତ ସମ୍ପାଦକ ବେହୁରିଆଙ୍କ ନାମରେ ଚାଷୀଙ୍କ ଟଙ୍କା ହଡପ, ହେରଫେର ଭଳି ଅଭିଯୋଗ ଆଣିଥିଲେ। ତେବେ ୮ଜଣଙ୍କ ଅଭିଯୋଗକୁ ଭିତ୍ତିକରି ଗୁରୁବାର ଭାରତୀୟ ନ୍ୟାୟ ସଂହିତା ଦଫା ୩୧୬(୨)(୫), ୩୧୯(୨), ୩(୫)ରେ ୩୪୨/୨୪ରେ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ଦିଲୀପ କୁମାର ଧଳ ସୂଚନା ଦେଇଛନ୍ତି।

# ଏସ୍‌ସି, ଏସ୍‌ଟି ସଂରକ୍ଷଣରେ ବାଧା ସୃଷ୍ଟି ନ ହେଉ



ୟୁନାଇଟେଡ ଫୋରମର କେନ୍ଦ୍ରାପଡ଼ା ଜିଲା ଶାଖା ପକ୍ଷରୁ ଖବରଦାତା ସମ୍ମିଳନୀରେ ଉପସ୍ଥିତ ସଦସ୍ୟମାନେ।

କେନ୍ଦ୍ରାପଡ଼ା, ୮।୮ (ଜଗନ୍ନାଥ ଧଳ)

ସ୍ୱାଧୀନତାର ୭୬ ବର୍ଷ ପରେ ମଧ୍ୟ ଅନୁସୂଚିତ ଜାତି ଓ ଜନଜାତି ସମାଜରେ ଅବହେଳିତ ହେଉଛନ୍ତି। ନିକଟରେ ସୁପ୍ରିମକୋର୍ଟ ବହୁଜନ ବର୍ଗୀକରଣ ସମ୍ପର୍କରେ ଏକ ରାୟ ଦେଇଛନ୍ତି। ଏହା ମଧ୍ୟ ଏହି ବର୍ଗର ବିକାଶକୁ ରୋକୁଛି। ଏହାର ପ୍ରତିବାଦରେ ମୂଳ ନିବାସୀ ୟୁନାଇଟେଡ ଫୋରମର କେନ୍ଦ୍ରାପଡ଼ା ଜିଲା ଶାଖା ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ସହରର ପ୍ରେସ୍ କ୍ଲବଠାରେ ଗୁରୁବାର ଆୟୋଜିତ ହୋଇଛି। ରାଜ୍ୟ ସଭାପତି ମନୋରଞ୍ଜନ ଜେନା ବିଭିନ୍ନ ଫୋରମର କର୍ମକର୍ତ୍ତା ଅପୂର୍ବ ରଞ୍ଜନ ସେଠୀ, ଖଗେଶ୍ୱର ମଲ୍ଲିକ, ସୁପ୍ରଭା ମଲ୍ଲିକ, ବିଳାସିନୀ ମଲ୍ଲିକ, ନଗେନ୍ଦ୍ର ଜେନା, ଦିଲୀପ କୁମାର ମଲ୍ଲିକ ପ୍ରମୁଖ ଯୋଗଦେଇ ଏ ସମ୍ପର୍କରେ ସୂଚନା ଦେଇଥିଲେ। ସେମାନେ କହିଥିଲେ, ଦେଶର ମୂଳନିବାସୀ ଏବେବି ସାମାଜିକ ଓ ଆର୍ଥିକ ସୁରକ୍ଷା ଅପେକ୍ଷାରେ ଅଛନ୍ତି। ଶିକ୍ଷା ସହ ମୌଳିକ ସମସ୍ୟା ସହିତ ଯୁଝୁଛନ୍ତି। ସ୍ୱାଧୀନତା ପରେ ଦେଶର ସମ୍ବିଧାନ ଡ. ଭୀମରାଓ ଆମ୍ବେଦକରଙ୍କ ନେତୃତ୍ୱରେ ପ୍ରସ୍ତୁତ ହେଲା। ଏହି ବର୍ଗର ଲୋକଙ୍କୁ ସମାଜରେ ସମାନତା ଆଣିବା ପାଇଁ ସଂରକ୍ଷଣ ବ୍ୟବସ୍ଥା ହେଲା। ଏହାସତ୍ତ୍ୱେ ଏହି ବର୍ଗର ଲୋକ ସ୍ୱାଧୀନତାର ଏତେ ବର୍ଷ ପରେ ମଧ୍ୟ ଅବହେଳିତ ହୋଇ ରହିଛନ୍ତି। ଶିକ୍ଷା କ୍ଷେତ୍ରରେ ୪୨ ପ୍ରତିଶତ ସଂରକ୍ଷଣ ଲାଗୁ ହୋଇ ପାରୁ ନ ଥିବାରୁ ସର୍ବଦା ପଛୁଆ ରହୁଛନ୍ତି। ନିକଟରେ ସୁପ୍ରିମକୋର୍ଟର ରାୟ ଏହି ସଙ୍କଟକୁ ଅଧିକତର କରିଥିବା ପରି ପ୍ରତୀୟମାନ ହେଉଛି। ଏସ୍‌ସି, ଏସ୍‌ଟି ବର୍ଗଙ୍କୁ ସମାନସ୍ତରରେ ଆଣିବା ପାଇଁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଲିଖିତ ଦାବିପତ୍ର ସହିତ ଏହାର ସମାଧାନ ପାଇଁ କେତେକ ପ୍ରସ୍ତାବ ଦିଆଯାଇଛି। ଦାବିଗୁଡ଼ିକର ସମାଧାନ ନ ହେଲେ ଆସନ୍ତା ୨୧ ତାରିଖରେ ୟୁନାଇଟେଡ ଫୋରମ ପକ୍ଷରୁ ଭାରତ ବନ୍ଦ ହେବ ବୋଲି ସେମାନେ ଏହି ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଦଶରଥ ମଲ୍ଲିକ, କଳ୍ପତରୁ ମଲ୍ଲିକ, ସସ୍ମିତା ମଲ୍ଲିକ ପ୍ରାଣକୃଷ୍ଣ ନାୟକ, ରାଜେନ୍ଦ୍ର ମଲ୍ଲିକ ପ୍ରମୁଖ ସାମିଲ ହୋଇଥିଲେ।

# ଯକ୍ଷ୍ମା ପୀଡ଼ିତ ନରେଶଙ୍କୁ ସହାୟତା

ମାର୍ଶାଘାଇ,୮।୮ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଅଙ୍ଗୁଳାଇ ପଞ୍ଚାୟତ ନୀଳାଦ୍ରିପୁର ଗ୍ରାମର ନରେଶ ପଣ୍ଡା ଜଣେ ଅତ୍ୟନ୍ତ ଗରିବ। ଘର ବୋଲି ଝାଟି ମାଟି, ଫାଳେ କାନ୍ଥ ପଡିଯାଇଛି। ବୟସ୍କା ବୁଢ଼ୀ ମା' ଅଣ୍ଡାଳି ଅଣ୍ଡାଳି ଘରେ କାରବାର ହେଉଛନ୍ତି। ସେଥିରେ ପୁଣି ନରେଶ ଦୀର୍ଘଦିନ ଧରି ଯକ୍ଷ୍ମା ରୋଗରେ ପୀଡ଼ିତ। ସାହା ଭରସା କେହି ନାହିଁ। ଏ ସମ୍ପର୍କରେ ଖବରପାଇ ମହାକାଳପଡ଼ା ୟୁଥ ଗ୍ରୁପ ପକ୍ଷରୁ ସଭାପତି ଦୀପକ ଚୌଧୁରୀ, ଉପଦେଷ୍ଟା ଲକ୍ଷ୍ମଣ ସ୍ୱାଇଁ, କୋଷାଧ୍ୟକ୍ଷ ଲକ୍ଷ୍ମୀଧର ସ୍ୱାଇଁ, ରେଡକ୍ରସ କର୍ମକର୍ତ୍ତା ପୁଣ୍ୟତୀର୍ଥ ସ୍ୱାଇଁ. କୁବେର ପାତ୍ର, ରମାକାନ୍ତ ନାୟକ, ଅଙ୍ଗୁଳାଇ ସରପଞ୍ଚ ମଙ୍ଗରାଜ ବେହେରା, ବଳଭଦ୍ର ପଣ୍ଡା, କମଳାକାନ୍ତ ଶର୍ମା, ମଳୟ ଦାସ ପ୍ରମୁଖ ତାଙ୍କ ନିକଟରେ ପହଞ୍ଚି ପାଲ, କମ୍ବଳ, ଶାଢ଼ି ଲୁଙ୍ଗି, ଗାମୁଛା, ବାଲଟି, ମଗ ଓ ରୋଷେଇ ସରଞ୍ଜାମ ପ୍ରଦାନ କରିଥିଲେ। ସେମାନେ ଜିଲାପାଳ ଓ ଜିଲା ଜରୁରିକାଳୀନ ଅଧିକାରୀଙ୍କୁ ଭେଟି ଅଧିକ ସହାୟତା ରାଶି ପ୍ରଦାନ ପାଇଁ ଦାବି କରିଥିଲେ।


ମହାକାଳପଡ଼ା ୟୁଥ୍ ଗ୍ରୁପ୍ ପକ୍ଷରୁ ଯକ୍ଷ୍ମା ପୀଡ଼ିତ ନରେଶଙ୍କୁ ସହାୟତା ପ୍ରଦାନ କରାଯାଉଛି।

# ବିଶ୍ୱମ୍ଭରଙ୍କ ଚିକିତ୍ସା ଲାଗି ତତ୍ପର ହେଲା ଆଳି ସ୍ୱାସ୍ଥ୍ୟ ବିଭାଗ

ଆଳି,୮।୮ (ବନମାଳୀ ସେନାପତି)

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ବାଳକାଟି ଗ୍ରାମର ବିଶ୍ୱମ୍ଭର ସାହୁଙ୍କ ଡାହାଣ ଗୋଡ଼ ଭାଙ୍ଗି ଯାଇଥିବାରୁ ସେ ଏବେ ଶଯ୍ୟାଶାୟୀ ଅଛନ୍ତି। ପ୍ରତି ମାସ ଚେକ୍‌ଅପ୍ ସହିତ ଇଞ୍ଜେକେଶନ ନିମନ୍ତେ ୫ହଜାର ଟଙ୍କାର ଆବଶ୍ୟକତା ରହିଛି। ଗୋଡ଼ ଅପରେଶନ ହୋଇସାରିବା ପରେ ବିଶମ୍ଭର ଘରେ ଅଛନ୍ତି। ଗୋଡ଼ ଡ୍ରେସିଂର ଆବଶ୍ୟକତା ଥିବାରୁ ଆଳି ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ତାଙ୍କୁ ଘରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି। ଆଳି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ପ୍ରଣବ କୁମାର ଶୁକ୍ଳା ବିଶମ୍ଭରଙ୍କ ଘରକୁ ଯାଇ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିବା ସହ କିପରି ତାଙ୍କୁ ଉତ୍ତମ ଚିକିତ୍ସା ମିଳିବ ସେ ନେଇ ବ୍ୟବସ୍ଥା କରିଛନ୍ତି। ଏଥିସହ ଚଲାବୁଲା ନିମନ୍ତେ ଏକ ଆଶାବାଡ଼ି ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଯୋଗାଇ ଦିଆଯାଇଛି। ଏପରିକି ବିଶମ୍ଭରଙ୍କ ଗୋଡ଼ ବ୍ୟାଣ୍ଡେଜ ରହୁଥିବାରୁ ଡ୍ରେସିଂ ଅବଶ୍ୟକ ଥିଲା। ସ୍ୱାସ୍ଥ୍ୟକର୍ମୀ ସୁଶାନ୍ତ ତରାଇ ବିଶମ୍ଭରଙ୍କ ଘରେ ପହଞ୍ଚି ଗୋଡ଼ ଡ୍ରେସିଂ କରାଉଛନ୍ତି।

# ସିପିଆଇ(ଏମ୍‌ଏଲ୍) ପକ୍ଷରୁ ଶହୀଦ ଦିବସ

ପଟ୍ଟାମୁଣ୍ଡାଇ,୮।୮ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ସିପିଆଇଏମ୍‌ଏଲ ପକ୍ଷରୁ ପାର୍ଟି ଅଫିସଠାରେ କମ୍ରେଡ ଚାରୁ ମଜୁମଦାରଙ୍କ ୫୪ତମ ଶହୀଦ ଦିବସ ପାଳିତ ହୋଇଯାଇଛି। ସିପିଆଇଏମ୍‌ଏଲ ନେତା କମ୍ରେଡ ସଞ୍ଜୀବ ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ କମ୍ରେଡ ବସନ୍ତ ମଲିକ, ହିମାଦ୍ରୀ ଦାସ, ପ୍ରକାଶ ମଲିକ, ମହେନ୍ଦ୍ର ପରିଡା, ବିଶ୍ୱଜିତ ରାଉତ, ଉଲ୍ଲାସ ଦାସ, ଭାବଗ୍ରାହୀ ବେହେରା ଓ ଚକ୍ରଧର ଦାସ ଯୋଗ ଦେଇଥିଲେ। ଅତିଥିମାନେ କମ୍ରେଡ ଚାରୁ ମଜୁମଦାର ସାଧାରଣ ଖଟିଖିଆ ମେହନତି ମଣିଷର ଅଧିକାର ପାଇଁ ଜୀବନବ୍ୟାପୀ ସଂଗ୍ରାମ କରି ଶହୀଦ ହୋଇଥିଲେ ବୋଲି ପ୍ରକାଶ କରିବା ସହ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଶେଷରେ ପ୍ରକାଶ ମଲିକ ଧନ୍ୟବାଦ ଦେଇଥିଲେ।

# ଭିତରକନିକା ଇକୋ ସେନ୍ସିଟିଭ୍ ଜୋନ୍ ସମ୍ପ୍ରସାରଣକୁ ବିରୋଧ



ଆଳି ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ରଙ୍କୁ ଆଳି-କନିକା ନାଗରିକ ଅଧିକାର ସୁରକ୍ଷା ସମିତି ପକ୍ଷରୁ ସ୍ମାରକପତ୍ର ଦିଆଯାଉଛି।

**ଆଳି ତହସିଲଦାରଙ୍କୁ ସ୍ମାରକପତ୍ର ପ୍ରଦାନ**

ଆଳି, ୮।୮ (ବନମାଳୀ ସେନାପତି)

କେନ୍ଦ୍ରାପଡ଼ା ଜିଲା ଆଳି ଓ ରାଜକନିକାର ଜନସାଧାରଣଙ୍କୁ କୌଣସି ଜାଣିବାର ସୁଯୋଗ ନ ଦିଆଯାଇ ଭିତରକନିକା ଜାତୀୟ ଉଦ୍ୟାନ ଇକୋ ସେନ୍ସିଟିଭ୍ ଜୋନ ସହିତ ଯୋଡ଼ା ଯାଇଥିବାର ଏକ ଡ୍ରାଫ୍ଟ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହାକୁ ଆଳି-କନିକା ନାଗରିକ ଅଧିକାର ସୁରକ୍ଷା ସମିତି ପକ୍ଷରୁ ବିରୋଧ କରାଯାଇଛି। ଏହି କମିଟି ଏହା ବିରୋଧରେ କେନ୍ଦ୍ର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଆଳି ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ରଙ୍କ ଜରିଆରେ ଗୁରୁବାର ପ୍ରଦାନ କରିଛି।

ଆଳି-ରାଜକନିକା ଅଞ୍ଚଳକୁ ଏଥିରେ ଅନ୍ତର୍ଭୁକ୍ତ କରାଗଲେ ଏହି ଇକୋ ସେନ୍ସିଟିଭ୍ ଜୋନ ମଧ୍ୟରେ ନିଷେଧ ଏବଂ ନିୟନ୍ତ୍ରିତ କାର୍ଯ୍ୟକଳାପର ତାଲିକା ବର୍ତ୍ତମାନର ଜୀବନ ପାଇଁ ଅତ୍ୟନ୍ତ କ୍ଷତିକାରକ ହେବ। ଉକ୍ତ ଡ୍ରାଫ୍ଟ ବିଜ୍ଞପ୍ତି କାର୍ଯ୍ୟକାରୀ ହେଲେ ଏହାର ସିଧାସଳଖ ପ୍ରଭାବ ଅଞ୍ଚଳର ଲୋକଙ୍କ ଉପରେ ପଡିବ। ଆଳି ଓ ରାଜକନିକା ତହସିଲରେ ଜଙ୍ଗଲ କ୍ଷେତ୍ରର ଗୋଟିଏ ବର୍ଗ ନାହିଁ। ଭିତରକନିକା ଜାତୀୟ ଉଦ୍ୟାନ, ବନ୍ୟପ୍ରାଣୀ ଅଭୟାରଣ୍ୟ ଓ ଗହୀରମଥା (ସାମୁଦ୍ରିକ) ବନ୍ୟପ୍ରାଣୀ କାର୍ଯ୍ୟ କେବଳ ରାଜନଗର ଏବଂ ମହାକାଳପଡ଼ାର ତହସିଲରେ ସୀମିତ। ଏହାଛଡା ଅଭୟାରଣ୍ୟଟି ବ୍ରାହ୍ମଣୀ, ବୈତରଣୀ ଦ୍ୱାରା ଏହା ଆଳି-କନିକାଠାରୁ ବିଚ୍ଛିନ୍ନ ହୋଇଛି। ଏହି ଡ୍ରାଫ୍ଟ କମିଟିରେ ଏତେ ପ୍ରତିବନ୍ଧକ ଅଛି ଯେ, ତାହା ଲୋକମାନଙ୍କ ପାଇଁ ବିନା ବିଚାରରେ ଜେଲ ଦଣ୍ଡ ସହ ସମାନ। ଏହି ଅଞ୍ଚଳରେ କୌଣସି ପ୍ରକାର ଶିଳ୍ପ, ଜଳସେଚନ ଓ ଶକ୍ତି ବିଭାଗର ବିକାଶ କାର୍ଯ୍ୟ ହେବା ସମ୍ଭବ ନୁହେଁ। ତେଣୁ ଲୋକମାନଙ୍କର ସୁବିଧା ସୁଯୋଗକୁ ଆଧାର କରି ସେମାନଙ୍କର ପକ୍ଷ ରଖିବାର ସୁଯୋଗ ଦେବା ଦରକାର। ଏହାକୁ ନେଇ ନାଗରିକ ଅଧିକାର ସୁରକ୍ଷା ସମିତିର ସମ୍ପାଦକ ବିଧାନ ଦାସ, ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା, ବରୁଣାଡିହା ସରପଞ୍ଚ ଦୁର୍ଯ୍ୟୋଧନ ମହାନ୍ତି, ଦୁଷ୍ମନ୍ତ କୁମାର ବେହେରା, ମଙ୍ଗୁଳି ଚରଣ ବେହେରା, ରବିନାରାୟଣ ବେହେରା, ଭରିଗଦା ସରପଞ୍ଚ ମୀନା ମଲିକଙ୍କ ସମେତ ଅନ୍ୟମାନେ ଦାବି କରିଛନ୍ତି। ଆଳି ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ ସମୟରେ ରବି ନାରାୟଣ ବେହେରା, ସେକ୍ ସୋପାନ, ବୀରେନ୍ଦ୍ର ପଣ୍ଡା, ରାଜମୋହନ ସ୍ୱାଇଁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଖବରକାଗଜ ବିତରକଙ୍କ ମାତୃ ବିୟୋଗ

ଆଳି, ୮।୮ (ବନମାଳୀ ସେନାପତି)


ହାରାମଣୀ ରାଉତ

କେନ୍ଦ୍ରାପଡ଼ା ଜିଲା ଆଳି ଅଞ୍ଚଳର ବରିଷ୍ଠ ଖବରକାଗଜ ବିତରକ ଗିରିବନ୍ଧ ଗ୍ରାମର ଗଗନ ବିହାରୀ ରାଉତଙ୍କ ମା' ହାରାମଣୀ(୭୮)ଙ୍କର ଗୁରୁବାର ପରଲୋକ ଘଟିଛି। କିଛିଦିନ ହେବ ସେ ଶାରୀରିକ ଭାବେ ଅସୁସ୍ଥ ହୋଇ ଚିକିତ୍ସାଧୀନ ଥିଲେ। ସେ ଜଣେ ଧର୍ମପରାୟଣା ମହିଳା ଥିଲେ। ତାଙ୍କର ମୃତଦେହ ଗ୍ରାମରେ ପହଞ୍ଚିବା ପରେ ଶେଷ ଦର୍ଶନ ପାଇଁ ବନ୍ଧୁ ବାନ୍ଧବ ଓ ଅନେକ ଜଣାଶୁଣା ଲୋକ ତାଙ୍କ ଗିରିବନ୍ଧସ୍ଥିତ ବାସଭବନରେ ପହଞ୍ଚିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ପୁଅ ନିରଞ୍ଜନ ରାଉତ ମୁଖାଗ୍ନି ଦେଇଥିଲେ। ଅନ୍ୟ ୩ ପୁତ୍ର ଚିତ୍ତରଞ୍ଜନ ରାଉତ, ଗଗନ ରାଉତ, ପ୍ରଭାତ ରାଉତଙ୍କ ସହ ବୋହୂ, ନାତୁଣୀନାତିମାନେ ଉପସ୍ଥିତ ଥିଲେ।

# କେନ୍ଦ୍ର ସଚିବଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦାବିପତ୍ର

ରାଜକନିକା, ୮।୮ (ସଞ୍ଜୟ କୁମାର ଦାଶ)


ରାଜକନିକା ତହସିଲଦାର ଅଶୋକ କୁମାର ଦେହୁରି ଦାବିପତ୍ର ଗ୍ରହଣ କରୁଛନ୍ତି।

କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଭିତରକନିକା ଅଭୟାରଣ୍ୟର ଇକୋ ସେନ୍ସିଟିଭ୍ ଜୋନ (ପରିବେଶ ସମ୍ବେଦନଶୀଳ ଅଞ୍ଚଳ) ସମ୍ପ୍ରସାରଣ ପାଇଁ ଜୁନ୍ ୯ରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିରେ କେନ୍ଦ୍ରାପଡ଼ା ଜିଲା ୧୬୦ ଗାଁ ଯଥାକ୍ରମେ ମହାକାଳପଡ଼ା ବ୍ଲକର ୩୮, ରାଜନଗରର ୫୨, ପଟ୍ଟାମୁଣ୍ଡାଇର ୮, ରାଜକନିକାର ୩୦, ଆଳି ବ୍ଲକର ୩୨ ରହିଛି। ଏହି ଅଞ୍ଚଳର ଜନସାଧାରଣଙ୍କଠାରୁ ଅଭିଯୋଗ ଗ୍ରହଣ ପାଇଁ ୬୦ଦିନର ସମୟସୀମା ରଖାଯାଇଛି। ସେହି ପ୍ରରିପ୍ରେକ୍ଷୀରେ ଅଗଷ୍ଟ ୮ ହେଉଛି ଆପତ୍ତି ଅଭିଯୋଗ ଗ୍ରହଣର ଶେଷ ତାରିଖ। ଏ ସମ୍ପର୍କରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ବ୍ୟାପକ ଭାବେ ପ୍ରଚାର ପ୍ରସାର କରାଯାଇନାହିଁ। ଗୁରୁବାର ରାଜକନିକା ନାଗରିକ ଅଧିକାର ସୁରକ୍ଷା ସମିତି ପକ୍ଷରୁ କନିକା ତହସିଲଦାର ଅଶୋକ କୁମାର ଦେହୁରୀଙ୍କ ଜରିଆରେ ଏକ ଅଭିଯୋଗ ପତ୍ର କେନ୍ଦ୍ର ସଚିବଙ୍କୁ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ସମିତିର ସମ୍ପାଦକ ବିଧାନ ଦାସଙ୍କ ସଂଯୋଜନାରେ ପୂର୍ବାହ୍ନ ୧୧ଟାରେ ସ୍ଥାନୀୟ ଅଶୋକ ବଜାରରୁ ଶୋଭାଯାତ୍ରା କନିକା ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଇକୋ ସେନ୍ସିଟିଭ୍ ଜୋନ ସମ୍ପ୍ରସାରଣ ହେବା ଦ୍ୱାରା ସାଧାରଣ ଲୋକଙ୍କର କ୍ଷତି ଓ ଲାଭ ସମ୍ପର୍କରେ ସମିତିର ସମ୍ପାଦକ ଦାସ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଜନବସତି ଅଞ୍ଚଳରେ ଇକୋ ସେନ୍ସିଟିଭ୍ ଜୋନ ସମ୍ପ୍ରସାରଣ କରା ନ ଯିବା ନେଇ ଦାବି କରିଥିଲେ। ସେହିପରି ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା ମଧ୍ୟ କେନ୍ଦ୍ର ସରକାର ଅଗଣତାନ୍ତ୍ରିକ ଭାବେ ବିଜ୍ଞପ୍ତି ପ୍ରକାଶ କରି ଜନବସତି ଅଞ୍ଚଳଗୁଡ଼ିକୁ ଅନ୍ତର୍ଭୁକ୍ତ କରିଛନ୍ତି। ଆଇନ ଅନୁଯାୟୀ, ଜନଶୁଣାଣି ନ କରି ଏଭଳି ପଦକ୍ଷେପକୁ ତୀବ୍ର ବିରୋଧ କରିଥିଲେ। କେନ୍ଦ୍ର ସରକାର ଏଭଳି ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ପୁନଃ ବିଚାର କରନ୍ତୁ। ନଚେତ ଆଗାମୀଦିନରେ ଜନ ଆନ୍ଦୋଳନ ମୁଣ୍ଡ ଟେକିବ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ କଂଗ୍ରେସ ସଭାପତି ମଙ୍ଗୁଳି ଚରଣ ବେହେରା, ସରପଞ୍ଚ ଦୁର୍ଯୋଧନ ମହାନ୍ତି, ସିପିଆଇ(ଏମ୍) ନେତା କାଳୀ ପ୍ରସାଦ ନାୟକ, ସମିତି ସଭ୍ୟ ଶରତ ରାଉତ, ପ୍ରଗତିଶୀଳ ମହିଳା ସମିତିର ରାଜ୍ୟ ସଭାନେତ୍ରୀ ସବିତା ବରଜ, ସରପଞ୍ଚ ସୀତାରାଣୀ ଦାସ, ସମିତି ସଭ୍ୟା ଲିପ୍ସା ନାୟକ, କୃତ୍ତିବାସ ଦାସ, କବି ପ୍ରସାଦ ପାତ୍ର, କୁସୁମ ଜେନା, ରମାକାନ୍ତ ନାୟକ, ରଙ୍ଗଲାଲ ମଲ୍ଲିକ, ପ୍ରମୋଦ ପତି, ଶରତ ନାୟକ ପ୍ରମୁଖ ଯୋଗଦେଇ ଦୃଢ଼ ଭାବେ ବିରୋଧ କରିଥିଲେ।

## ସଂକ୍ଷେପରେ

### କନ୍ଦାଉଛି ଆଳୁ, ବାଇଗଣ ଦର

**ଆଳୁ କେଜି ୬୦କୁ ବାଇଗଣ ୭୦ଟଙ୍କା**

ନୟାଗଡ଼,୮।୮(ଲୋକନାଥ ମିଶ୍ର)

ପୁଣି ବେଲଗାମ ହୋଇଛି ଆଳୁ ଦର । ଉତ୍ତରପ୍ରଦେଶରୁ ଆସୁନି କି ପଶ୍ଚିମବଙ୍ଗ ଛାଡୁନି ଆଳୁ । ଆଳୁ କେଜି ନୟାଗଡ଼ ଜିଲା ସଦର ମହକୁମାରେ ୬୦ ଟଙ୍କା ଛୁଇଁଛି । ଗାଁ ବଜାରରେ ଆଳୁ ଦର ୭୦ ଓ ୮୦ ଟଙ୍କାରେ ବିକ୍ରି ହେଉଛି । ସେହିପରି ବାଇଗଣ କେଜି ପ୍ରତି ୮୦ରୁ ୧୦୦ ଟଙ୍କା ବିକ୍ରି ହେଉଛି । ଆଳୁ ଓ ବାଇଗଣର ଦର ଗ୍ରାହକଙ୍କୁ କନ୍ଦାଉଛି ।

### ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ

ନୟାଗଡ଼,୮।୮(ଲୋକନାଥ ମିଶ୍ର)

ନୟାଗଡ଼ ସହରର ତ୍ରିନାଥ ଛକସ୍ଥିତ ମିଶନ ଶକ୍ତି ଗୃହରେ ସମନ୍ୱିତ ଶିଶୁ ବିକାଶ ଓ ସେବା ପ୍ରକଳ୍ପ ତରଫରୁ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ ହୋଇ ଯାଇଛି । ସିଡିପିଓ ସୌଦାମିନୀ ପଣ୍ଡାଙ୍କ ମୁଖ୍ୟ ପରିଚାଳିକା ଭାବେ ଯୋଗ ଦେଇଥିଲେ । ଏଥିରେ ଜିଲା ସମାଜ ମଙ୍ଗଳ ଅଧିକାରୀ ଅର୍ଚ୍ଚନା କଅଁର ଯୋଗ ଦେଇଥିଲେ । ଏହି ଅବସରରେ ଏକ ଶୋଭାଯାତ୍ରା ଓ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲ ।

### ବାରହା ମାଂସ ଜବତ, ଶିକାରୀ ଗିରଫ

ଦିଗପହଣ୍ଡି,୮।୮(ଅଶେଷନାଥ ମିଶ୍ର)

ଦିଗପହଣ୍ଡି ବନ ବିଭାଗ ଗୁରୁବାର ସାନଖେମୁଣ୍ଡି ବ୍ଲକ ନୂଆଗୁମ୍ମା ଗ୍ରାମରେ ଚଢ଼ାଉ କରି ଜଣେ ବନ୍ୟଜନ୍ତୁ ଶିକାରୀଙ୍କୁ ଗିରଫ କରିଛି। ସେ ହେଲେ ନୂଆଗୁମ୍ମା ଗ୍ରାମର ଅମିର ଦାସ। ଅମୀର ବାରହା ଶିକାର କରି ମାଂସ ବିକ୍ରି କରୁଥିବାବେଳେ ଧରାପଡ଼ିଥିଲେ।

# ପରିଚାଳନା କମିଟିର ଅଜାଣତରେ ଲକ୍ଷାଧିକ ଟଙ୍କା ଉଠାଣ ଅଭିଯୋଗ

ଓଡ଼ଗାଁ,୮।୮
(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଗୌଡପୁଟ ସେବା ସମିତି ପରିଚାଳନା କମିଟିର ଅଜାଣତରେ ବ୍ୟାଙ୍କ କର୍ତ୍ତୃପକ୍ଷ ସେବା ସମିତି ଜମା ଖାତାରୁ ୧,୩୮,୮୩୮ ଟଙ୍କା ଉଠାଇ ଆତ୍ମସାତ କରିବାକୁ ଉଦ୍ୟମ କରିଥିବା ଥାନାରେ ଅଭିଯୋଗ ହୋଇଛି । ଏନେଇ ପରିଚାଳନା କମିଟିର ନିଷ୍ପତ୍ତି ଅନୁସାରେ ସଭାପତି ନିତ୍ୟାନନ୍ଦ ପ୍ରଧାନ ଗୁରୁବାର ଅପରାହ୍ନରେ ସ୍ଥାନୀୟ ଆଦର୍ଶ ଥାନାରେ ଅଭିଯୋଗ କରିଛନ୍ତି ।

ସୂଚନା ଅନୁଯାୟୀ, ସୋସାଇଟିର ବିରଜା କିଶୋର ମହାପାତ୍ର ନାମକ ଜଣେ କର୍ମଚାରୀ ଗ୍ରାଚ୍ୟୁଇଟି ପ୍ରାପ୍ୟ ବାବଦକୁ ଉପରୋକ୍ତ ପରିମାଣର ଟଙ୍କା ବ୍ୟାଙ୍କକୁ ପୈଠ କରିବାକୁ ବ୍ୟାଙ୍କ କର୍ତ୍ତୃପକ୍ଷ ସୋସାଇଟି ସମ୍ପାଦକଙ୍କୁ ଜୁଲାଇ ୪ରେ ଚିଠି କରିଥିଲେ । ବ୍ୟାଙ୍କ କୁଆଡେ ସେହି ଚିଠିକୁ ଜାଣିଶୁଣି ବହୁ ବିଳମ୍ବରେ ଅର୍ଥାତ୍ ଜୁଲାଇ ୨୪ ତାରିଖରେ ସମ୍ପାଦକଙ୍କ ମୋବାଇଲ ଫୋନକୁ ହ୍ୱାଟସପ୍ ମାଧ୍ୟମରେ ପଠାଇଥିଲେ । ଓଡ଼ଗାଁ କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ପରିଚାଳକ ପରିଚାଳନା କମିଟିର ବିନା ସୁପାରିଶରେ ୫ ତାରିଖ ଦିନ ସୋସାଇଟିର ଏସ୍‌ବିସିସି ଆକାଉଣ୍ଟ ନମ୍ବର ୨୩୬/୧ରୁ ଏହି ଟଙ୍କା ଉଠାଣ କରିଥିଲେ। ଏ ସମ୍ପର୍କରେ ସୋସାଇଟି ସମ୍ପାଦକ ଅବଗତ ହେବା ପରେ ପରିଚାଳନା କମିଟିର ଦୃଷ୍ଟି ଆକର୍ଷଣ କରିଥିଲେ। ବୁଧବାର କମିଟିର ଏକ ଜରୁରୀ ବୈଠକର ଆୟୋଜନ କରାଯାଇଥିଲା । ନୟାଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ପାଦକ ଓ ଓଡ଼ଗାଁ କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ପରିଚାଳକଙ୍କ ବିରୋଧରେ ପୋଲିସରେ ଅଭିଯୋଗ କରିବା ସହିତ ବିଭିନ୍ନ ଅନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ନିଷ୍ପତ୍ତି ହୋଇଥିଲା।

ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଥାନାରେ ସଭାପତି ନିତ୍ୟାନନ୍ଦ ପ୍ରଧାନ ଅଭିଯୋଗ କରିଥିବା ବେଳେ କୌଣସି ମାମଲା ରୁଜୁ ହୋଇ ନାହିଁ । ଅନ୍ୟପକ୍ଷେ ଏ ସମ୍ପର୍କରେ ସ୍ଥାନୀୟ କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳକ ଜଗନ୍ନାଥ ସାହୁ କୁହନ୍ତି, ଜିଲା ସମବାୟ ବ୍ୟାଙ୍କ ସମ୍ପାଦକଙ୍କ ନିର୍ଦ୍ଦେଶାନୁସାରେ ସବୁକିଛି କରାଯାଇଛି। ସେ ସୋସାଇଟି ଟଙ୍କା ଉଠାଇ ଜଣେ କର୍ମଚାରୀଙ୍କ ପ୍ରାପ୍ୟ ବାବଦକୁ ଜିଲା ସମବାୟ ବ୍ୟାଙ୍କକୁ ହସ୍ତାନ୍ତର କରିଛନ୍ତି। ହେଲେ ସେ କୌଣସି ବେଆଇନ କାର୍ଯ୍ୟ କରି ନ ନାହାନ୍ତି । ସୋସାଇଟି ସମ୍ପାଦକଙ୍କୁ ସେ ବହୁ ଆଗରୁ ଫୋନ ହ୍ୱାଟସପ ମାଧ୍ୟମରେ ଚିଠି ଦେଇଥିଲେ ସୁଦ୍ଧା ସେ କୌଣସି ଗୁରୁତ୍ୱ ଦେଇ ନ ଥିବାରୁ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ପାଦକଙ୍କ ନିର୍ଦ୍ଦେଶରେ ସୋସଇଟି ଖାତାରୁ ଟଙ୍କା ଉଠାଇଥିବା କହିଛନ୍ତି। ଏପରି କି ଥାନାରେ ଅଭିଯୋଗ ହେବା ପରେ ସନ୍ଧ୍ୟାରେ ଥାନାରୁ ଫୋନ କଲ ଆସିଥିବା କହିଛନ୍ତି ।



ନୟାଗଡ଼ ସହରରେ ଜମି ରହିଥିବା ବର୍ଷାଜଳ।

# ନୟାଗଡ଼ ସହରରେ କୃତ୍ରିମ ବନ୍ୟା

**ରାଜପଥରେ ୨ ଫୁଟ ଉଚ୍ଚର ପାଣି**

ନୟାଗଡ଼,୭।୮(ଲୋକନାଥ ମିଶ୍ର)

ବର୍ଷା ଲାଗି ରହିଲେ ନୟାଗଡ଼ ସହରରେ କୃତ୍ରିମ ବନ୍ୟା ପରିସ୍ଥିତି ଲାଗି ରହୁଛି । ଘରେ ଓ ଦୋକାନରେ ନର୍ଦ୍ଦମା ଜଳ ପଶୁଛି । ଗୁରୁବାର ବର୍ଷାରେ ବଲାଙ୍ଗୀର–ଖୋର୍ଦ୍ଧା ୫୭ ନଂ.ଜାତୀୟ ରାଜପଥରେ ୨ ଫୁଟ ଉଚ୍ଚର ଜଳ ପ୍ରବାହିତ ହୋଇଥିଲା। ସେହିପରି ମହିଳା ମହାବିଦ୍ୟାଳୟ ଛକଠାରୁ ପୁରୁଣା ଏସ୍‌ପିଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ୧ନମ୍ବର ୱାର୍ଡର ଦୋକାନ ଓ ଘରେ, ବାଳିକା ହାଇସ୍କୁଲ ଭିତରେ ପାଣି ପଶିଥିଲା। ମହିଳା ମହାବିଦ୍ୟାଳୟ ଛକର ବିଧୂଭୂଷଣ ଦାଶଙ୍କ ଘରେ ନର୍ଦ୍ଦମା ଜଳ ଲହଡି ଭାଙ୍ଗିଥିଲା । ଓସାରିଆ ଓ ଗଭୀର ଡ୍ରେନ କରା ଯାଉ ନ ଥିବାବେଳେ ନାଳ ସଫେଇ ହେଉ ନାହିଁ। ସେଥିପାଇଁ ସବୁବେଳେ କୃତ୍ରିମ ବନ୍ୟା ଲାଗି ରହୁଛି ବୋଲି ସହରବାସୀ କହିଛନ୍ତି ।

# ଡେଙ୍ଗୁ ନିରାକରଣ ପାଇଁ ସଚେତନତା




ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

ଖଣ୍ଡପଡ଼ା,୮।୮(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହର ମହିଳା କନିଷ୍ଠ ମହାବିଦ୍ୟାଳୟର ପରିସରରେ ଡେଙ୍ଗୁ ନିରାକରଣ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଯୁକ୍ତ ୨ ଅଧ୍ୟକ୍ଷା ସ୍ମିତା ଶେଫାଳୀ ମହାପାତ୍ର ଅଧ୍ୟକ୍ଷତା କରି ସ୍ୱଚ୍ଛ ପରିବେଶ, ସ୍ଥିର ପରିବେଶ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ନିରଞ୍ଜନ କୁମାର ଧଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉପଯୋଗୀତା ସମ୍ପର୍କରେ ଆଲୋକପାତ କରିଥିଲେ। ଖଣ୍ଡପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୁକ୍ତ ୨ ପ୍ରଥମ ବର୍ଷ କଳା ବିଭାଗର ଶତାଧିକ ଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ସିଟି ମିଶନ ମ୍ୟାନେଜର ରଘୁନାଥ ସେଠୀ, ପରିମଳ ବିଭାଗ ଅଧିକାରୀ ଦେବରାଜ ଖୁରେଆ, ରାଜେଶ ପ୍ରଧାନ ପ୍ରମୁଖ ଯୋଗଦେଇ ପରିବେଶକୁ ସଫା ରଖାଗଲେ ଡେଙ୍ଗୁଜ୍ୱର ପରି ମାରାତ୍ମକ ରୋଗ ବ୍ୟାପିବ ନାହିଁ । ସାମ୍ପ୍ରତିକ ପରିସ୍ଥିତିରେ ସବୁଠି ସନ୍ତସନ୍ତିଆ ପରିବେଶ ସୃଷ୍ଟି ହୋଇଥିବାରୁ ଛାତ୍ରୀମାନେ ନିଜେ ସଚେତନ ହେବା ସହ ପଡୋଶୀମାନଙ୍କୁ ସେ ସମ୍ପର୍କରେ ସଚେତନ କରିବାକୁ ପରାମର୍ଶ ଦିଆଯାଇଥିଲା। ଏହି ଅବସରରେ ଅନୁଷ୍ଠିତ କୁଇଜ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅଧ୍ୟାପିକା କୃଷ୍ଣପ୍ରିୟା ମହାନ୍ତି, ବିଶ୍ୱ ଭାରତୀ ମହାରଣା, ନିରୁପମା ପ୍ରଧାନଙ୍କ ସମେତ ଅନ୍ୟାନ୍ୟ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ବରିଷ୍ଠ ପ୍ରଶାସନିକ ଅଧିକାରୀ ରଘୁନାଥ ସେଠୀ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ ।

# ନାଗରିକ ଫୋରମ ପକ୍ଷରୁ ସମ୍ବର୍ଦ୍ଧନା

ଖଣ୍ଡପଡ଼ା,୮।୮
(ଅଜୟ କୁମାର ମହାରଣା)

ଖଣ୍ଡପଡା ଥାନାଧିକାରୀ ଭାବେ ନିହାର ରଂଜନ ମହାନ୍ତି ଦାୟିତ୍ୱ ଗ୍ରହଣ କରିଛନ୍ତି । ଏପରିପ୍ରେକ୍ଷୀରେ ଖଣ୍ଡପଡା ପଠାଣି ସାମନ୍ତ ନାଗରିକ ଫୋରମ ପକ୍ଷରୁ ଗୁରୁବାର ଅନୁଷ୍ଠାନର ସଭାପତି ଅଖିଳ କୁମାର ମହାରଣାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଥାନାଧିକାରୀ ମହାନ୍ତିଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି । ଏହି ପ୍ରତିନିଧି ଦଳରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ସିଂ, ସହ ସମ୍ପାଦକ ଭାଗିରଥୀ ନାୟକ ଓ କଣ୍ଟିଲୋ ଜିଲା ପରିଷଦ ସଭ୍ୟା ଉଜ୍ଜଳ ମହାରଣା ପ୍ରମୁଖ ଉପସ୍ଥିତ ରହି ବରିଷ୍ଠ ନାଗରିକମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ । ଖଣ୍ଡପଡ଼ା ଥାନାରେ ବରିଷ୍ଠ ନାଗରିକମାନଙ୍କ ପାଇଁ ଖୋଲିଥିବା ବରିଷ୍ଠ ନାଗରିକ ଡେସ୍କକୁ ଠିକ ଭାବେ କାର୍ଯ୍ୟକାରୀ କରିବା ପାଇଁ ଅନୁରୋଧ କରାଯାଇଥିଲା ।

# ସ୍ୱାଧୀନତା ଦିବସ ପ୍ରତିଯୋଗିତାରେ ଅନିୟମିତତା ଅଭିଯୋଗ

**ବାପା ବିଚାରକ ଥିଲେ, ଝିଅ ଚୟନ ପରେ ଉଠିଲା ପ୍ରଶ୍ନ**

ନୟାଗଡ଼,୮।୮(ଲୋକନାଥ ମିଶ୍ର)

ସ୍ୱାଧୀନତା ଦିବସ ଅବସରରେ ନୟାଗଡ଼ ଜିଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତାରେ ଅନିମୟିତତା ହୋଇଥିବା ଅଭିଯୋଗ ହୋଇଛି । ବାପା ବିଚାରକ ଥିଲେ । ଝିଅ ପ୍ରତିଯୋଗିତାରେ ଭାଗ ନେଇ ଚୟନ ହେବା ଓ ଶିକ୍ଷକ ବିଚାରକ ଥିବାବେଳେ ନିଜ ସ୍କୁଲର ଛାତ୍ରୀଛାତ୍ର ପ୍ରତିଯୋଗୀତାରେ ଚୟନ ହେବା ଅନିୟମିତତାର ଗୁମର ଖୋଲିଛି ।

ସ୍ୱାଧୀନତା ଦିବସ ଅବସରରେ ଓଡ଼ିଆ ଓ ଇଂଲିଶ ବକ୍ତୃତା, ଓଡିଆ ଓ ଇଂଲିଶ ପ୍ରବନ୍ଧ, ଚିତ୍ରାଙ୍କନ ଓ ଦେଶାତ୍ମକବୋଧକ ସଙ୍ଗୀତ ପ୍ରତିଯୋଗିତା ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କୁ ନେଇ ଗତ ମଙ୍ଗଳବାର ନୟାଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ବର୍ଗ ୧ରେ ପ୍ରଥମରୁ ତୃତୀୟ, ବର୍ଗ ୨ରେ ୪ର୍ଥରୁ ସପ୍ତମ, ବର୍ଗ ୩ରେ ଅଷ୍ଟମରୁ ଦଶମ, ବର୍ଗ ୪ରେ ଯୁକ୍ତ ୨ ଓ ୩ର ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ । ଏଥିରେ ଭାଗନେଇଥିବା କେତେକ ସ୍କୁଲର ଶିକ୍ଷକ ବିଚାରକ ଥିବାବେଳେ ନିଜ ସ୍କୁଲର ଛାତ୍ରୀଛାତ୍ର ଭାଗ ନେଇ ଚୟନ ହୋଇଛନ୍ତି । ପୁଣି ବାପା ବିଚାରକ ହୋଇଥିବାବେଳେ ତାଙ୍କ ଝିଅ ପ୍ରତିଯୋଗୀତାରେ ଚୟନ ହୋଇଛନ୍ତି । ପୁଣି ପ୍ରାଇମେରୀ ଶିକ୍ଷକମାନେ ପ୍ରଥମରୁ କଲେଜ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ପାଇଁ ବିଚାରକ ଭାବେ ଯୋଗ ଦେବା ଅନୁରୂପ ଭାବେ ଅସନ୍ତୋଷ ସୃଷ୍ଟି କରିଛି। ଜିଲା ସଦର ମହକୁମାରେ ଅନେକ ଜ୍ଞାନୀ, ଗୁଣି, ବିଦ୍ୱାନ, ଶିକ୍ଷାବିତ୍, ସାହିତ୍ୟିକ ଥିବାବେଳେ କାହିଁକି ପ୍ରାଇମେରୀ ଶିକ୍ଷକଙ୍କୁ ବିଚାରକ ଦାୟିତ୍ୱ ଦିଆଗଲା ତାହା ସନ୍ଦେହ ସୃଷ୍ଟି କରିଛି। ବିଚାରକ ଚୟନକୁ ନେଇ ଅସନ୍ତୋଷ ଓ ଉଦ୍‌ବେଗ ପ୍ରକାଶ ପାଇଛି । ଏନେଇ ଜିଲା ଶିକ୍ଷା ଅଧିକାରୀ ରାଜଶ୍ରୀ ପଟ୍ଟନାୟକଙ୍କୁ ପଚାରିବାରୁ ଅଭିଯୋଗ ମିଳିଛି । ଏହାର ଅନୁଧ୍ୟାନ ଚାଲିଛି । ଆଗକୁ ଏପରି ଅବ୍ୟବସ୍ଥା ଯେପରି ନ ହେବ ସେଥିପାଇଁ ଧ୍ୟାନ ଦିଆଯିବ ବୋଲି କହିଛନ୍ତି।

# ବିଦ୍ୟାଳୟସ୍ତରୀୟ କ୍ରୀଡ଼ା, ଓଜେଆର୍‌ସି କମିଟି ଗଠିତ

ଦଶପଲ୍ଲା, ୮।୮(ପ୍ରକାଶ କୁମାର ପାଣି)

ଦଶପଲ୍ଲା ବ୍ଲକ ବିଦ୍ୟାଳୟସ୍ତରୀୟ କ୍ରୀଡା, ସ୍କାଉଟ,ଗାଇଡ଼, ଓଜେଆର୍‌ସି କମିଟି ଗଠିତ ହୋଇଛି । ଦଶପଲ୍ଲା ବ୍ଲକ ଶିକ୍ଷା ଅଧିକାରୀ ଭକ୍ତି ବିନୋଦ ସଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି କମିଟି ଗଠିତ ହୋଇଛି । ଏଥିରେ କ୍ରୀଡ଼ା ବିଭାଗରେ ୧୪ ଜଣିଆ କମିଟି ଗଠନ କରାଯାଇଛି । ଏଥିରେ ସଭାପତି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଥିବା ବେଳେ ଉପସଭାପତି ଭାବେ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ବେହେରା, ସମ୍ପାଦକ ଓ କୋଷାଧ୍ୟକ୍ଷ କ୍ରୀଡ଼ା ଶିକ୍ଷକ ରବି ନାରାୟଣ ନାୟକ, ଓ ସହ ସମ୍ପାଦକ ଭାବେ କିଶୋର ଚନ୍ଦ୍ର ପ୍ରଧାନ ମନୋନୀତ ହୋଇଛନ୍ତି। ଆସନ୍ତା ୧୦ ତାରିଖରୁ ଦଶପଲ୍ଲା ବ୍ଲକ ଉଚ୍ଚ ବିଦ୍ୟାଳୟସ୍ତରୀୟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରୁ ଭଲ ଖେଳାଳି ଚିହ୍ନଟ କରାଯାଇ ଜିଲ୍ଲାସ୍ତରକୁ ପଠାଯିବ । ସେପରି ଚଳିତ ବର୍ଷ ଭଲି, କ୍ରିକେଟ, ବ୍ୟାଡମିଣ୍ଟନ, କବାଡ଼ି, ଖୋଖୋ, ଆଥଲେଟିକ, ହାଣ୍ଡବଲ, ରଗବି, ଚେସ, ଯୋଗ ଆଦି ଖେଳ ଅନୁଷ୍ଠିତ ହେବ। ଏଥିରେ ଭଲ ପ୍ରଦର୍ଶନ କରିଥିବା ଛାତ୍ରୀଛାତ୍ରମାନେ ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ। ପରେ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରୁଥିବା ଛାତ୍ରୀଛାତ୍ରମାନଙ୍କୁ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ । ସେହିପରି ଦଶପଲ୍ଲା ବ୍ଲକ ସ୍କାଉଟ ଏବଂ ଗାଇଡ଼ ବିଭାଗରେ ୧୦ ଜଣିଆ କମିଟି ଗଠନ କରାଯାଇଛି। ଏଥିରେ ବିଇଓ ସଲ ଚିଫ୍ କମିଶନର ଥିବାବେଳେ ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ମହାପାତ୍ର ଆସିଷ୍ଟାଣ୍ଟ ଚିଫ୍ କମିଶନର, ଶିକ୍ଷକ ସୁଦାମ ପ୍ରଧାନ ଓ କ୍ରୀଡା ଶିକ୍ଷକ ଭାଗିରଥ ବେହେରା ସମ୍ପାଦକ ଭାବେ ଚୟନ କରାଯାଇଛି। ସେହିପରି ଜୁନିଅର ରେଡ଼କ୍ରସ ପାଇଁ ୯ ଜଣିଆ କମିଟି ଗଠନ କରାଯାଇଛି। ଏଥିରେ ବିଇଓ ଅଧ୍ୟକ୍ଷ ଥିବାବେଳେ ଉପାଧ୍ୟକ୍ଷ ଭାବେ ପ୍ରଧାନ ଶିକ୍ଷକ ଦିଲୀପ କୁମାର ନାୟକ, ସମ୍ପାଦକ ଭାବେ ଶିକ୍ଷୟିତ୍ରୀ କଳ୍ପନା ଗଜେନ୍ଦ୍ର ଏବଂ ସହ ସମ୍ପାଦକ ଭାବେ ପ୍ରଦୀପ୍ତ କୁମାର ରଥଙ୍କୁ ଚୟନ କରାଯାଇଛି। ଏହି ବୈଠକରେ ଦଶପଲ୍ଲା ବ୍ଲକର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଏବଂ ପ୍ରଧାନ ଶିକ୍ଷକ ଉପସ୍ଥିତ ଥିଲେ।

# ସ୍ୱାସ୍ଥ୍ୟସେବାରେ ସୁଧାର ପାଇଁ ଟାସ୍କ ଫୋର୍ସ ବୈଠକ




ନୟାଗଡ଼,୮।୮(ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକ ବଡପଣ୍ଡୁସର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ସ୍ୱାସ୍ଥ୍ୟସେବାର ସୁଧାର ପାଇଁ ଟ୍ୟାସ୍କ ଫୋର୍ସ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ନୟାଗଡ଼ ବିଡ଼ିଓ ପଦ୍ମ ଚରଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସିଡିପିଓ ସୌଦାମିନୀ ପଣ୍ଡା, ଅତିରିକ୍ତ ଚିକିତ୍ସା ଅଧିକାରୀ (ମ୍ୟାଲେରିଆ) ଡାକ୍ତର ବନମାଳୀ ପଣ୍ଡା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବ୍ଲକ କାର୍ଯ୍ୟକ୍ରମ ପରିଚାଳିକା ନିବେଦିତା ପ୍ରଧାନ ଓ ସ୍ୱାସ୍ଥ୍ୟ ବିଭାଗର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସୁରେନ୍ଦ୍ର ପ୍ରଧାନ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଚଳିତ ମାସ ୧୦ ତାରିଖରେ ଜାତୀୟ କୃମି ନାଶକ ଦିବସ ପାଳନ କରାଯିବ। ଏଥିରେ ସମସ୍ତ ପିଲାମାନଙ୍କୁ କୃମି ନାଶକ ଔଷଧ ସେବନ ପାଇଁ ପଦକ୍ଷେପ ନିଆଯିବ। ଆଶା କର୍ମୀ, ଅଙ୍ଗନୱାଡି କର୍ମୀ ଓ ଟିବି ସ୍ୱେଚ୍ଛାସେବୀମାନେ ଘରକୁ ଘର ବୁଲି ୧୮ରୁ ଊର୍ଦ୍ଧ୍ୱ ବୟସ୍କଙ୍କୁ ବିସିଜି ଟୀକା ନେବା ପାଇଁ ସଚେତନ କରିବେ । ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ସ୍କୁଲ ଓ ଅଙ୍ଗନୱାଡିରେ ୦ ରୁ ୧୮ ବର୍ଷ ପର୍ଯ୍ୟନ୍ତ ମାଗଣା ସ୍ୱାସ୍ଥ୍ୟ ସେବା ଉପରେ ଗୁରୁତ୍ୱ ଦିଆଯାଉଛି । ସମନ୍ୱିତ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅଭିଯାନ ସୁରୁଖୁରୁରେ ଚାଲିବା ପାଇଁ ନିଷ୍ପତ୍ତି ହୋଇଛି । ପ୍ରଭାକର ପଲେଇ ଧନ୍ୟବାଦ ଅର୍ପଣ କରିଥିଲେ।

# ଶକ୍ତି ସଂରକ୍ଷଣ ସଚେତନତା ପଦଯାତ୍ରା

ଶରଣକୁଳ,୮।୮(ଦୀପକ କର)

ଶରଣକୁଳ ନିକଟବର୍ତ୍ତୀ ପଞ୍ଚିରିଡା ମାନପୁର ଗ୍ରାମରେ ଥିବା ଲୋକ ନୋଡ଼ାଲ ବିଦ୍ୟାପୀଠରେ ଶକ୍ତି ସଂରକ୍ଷଣ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଦ୍ୱୈତ୍ୟ ନାରାୟଣ ରଣସିଂହଙ୍କ ପୌରୋହିତ୍ୟ କରିଥିଲେ । ଶକ୍ତି ସଂରକ୍ଷଣ ଉପରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ଶିକ୍ଷକ ଡ.ସୁରେଶ ଚନ୍ଦ୍ର ବରାଡ଼ ଶକ୍ତି ସଂରକ୍ଷଣ କ୍ଷେତ୍ରରେ ଛାତ୍ରଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ପରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଶିକ୍ଷକ ମନୋରଞ୍ଜନ ରାଉତଙ୍କ ନେତୃତ୍ୱରେ ଶକ୍ତି ସଂରକ୍ଷଣ ସଚେତନତା ରାଲିରେ ଗ୍ରାମ ପରିକ୍ରମା କରିଥିଲା । ଏହି ରାଲି ବିଦ୍ୟାଳୟରୁ ବାହାରି ପଞ୍ଚିରିଡା ମାନପୁର ଗ୍ରାମର ନୂଆସାହି, ମଝିସାହି ଓ ତଳସାହି ପରିକ୍ରମା କରିଥିଲା। ସାହି ଭିତରେ ଆୟୋଜିତ ପଥପ୍ରାନ୍ତ ସଭାରେ ଲୋକମାନଙ୍କୁ ତଥା ସାହିର ମା'ଭଉଣୀମାନଙ୍କୁ ଶକ୍ତି ସଂରକ୍ଷଣ ଉପରେ ଆକର୍ଷଣୀୟ ଢ଼ଙ୍ଗରେ ବକ୍ତବ୍ୟ ପ୍ରଦାନ କରାଯାଇଥିଲା। ଦଶମ ଶ୍ରେଣୀର ଛାତ୍ରୀ ଦିପ୍ତୀମୟୀ ପ୍ରଧାନ, ଶିକ୍ଷୟିତ୍ରୀ ଆରାଧନା ଗୌଡ଼ ଓ ବରିଷ୍ଠ ଶିକ୍ଷକ ଡ. ସୁରେଶ ଚନ୍ଦ୍ର ବରାଡ଼ ପଥପ୍ରାନ୍ତ ସଭାରେ ଉଦ୍‌ବୋଧନ ଦେଇଥିଲେ। ରାଲି ପରେ ଦ୍ୱିତୀୟ ପର୍ଯ୍ୟାୟରେ ଶକ୍ତି ସଂରକ୍ଷଣ ସଚେତନତା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ଶକ୍ତି ସଂରକ୍ଷଣ ଚିତ୍ରାଙ୍କନ, ପ୍ରବନ୍ଧ ଲିଖନ, ସ୍ଲୋଗାନ ଲିଖନ ଓ ବକ୍ତୃତା ପ୍ରତିଯୋଗୀତା ଆୟୋଜିତ ହୋଇଥିଲା। କୃତି ଛାତ୍ରୀଛାତ୍ରମାନଙ୍କୁ ପ୍ରଧାନ ଶିକ୍ଷକ ପୁରସ୍କାର ଓ ପ୍ରଶଂସାପତ୍ର ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଆରାଧନା ଗୌଡ଼, ଗଙ୍ଗୋତ୍ରୀ ପ୍ରଧାନ, ବଷ୍ଣୁ ପ୍ରଧାନ, ଚିନ୍ତାମଣି ମହାରଣା, ରାଜେଶ ମାହାର, ଶିକ୍ଷୟିତ୍ରୀ ରୋଜାଲିନ ପଟ୍ଟନାୟକ, ଅଶୋକ କୁମାର ମହାପାତ୍ର, କୃପାସିନ୍ଧୁ ମିଶ୍ର, ରମେଶ କୁମାର ମହାନ୍ତି, ଶୁଭେନ୍ଦୁ କୁମାର ପରିଡ଼ା, ମାଳତୀ ଦେଇ, ମାଳତୀ ବେହେରା, ଜଗନ୍ନାଥ ବାରିକ, ଭବାନୀ ବାଘ, ଟୁନି ପ୍ରଧାନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବରିଷ୍ଠ ଶିକ୍ଷକ ଡ.ସୁରେଶ ଚନ୍ଦ୍ର ବରାଡ଼ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।




ସଚେତନତା ଶୋଭାଯାତ୍ରାରେ ସାମିଲ ହୋଇଥିବା ଛାତ୍ରଛାତ୍ରୀ।

# ଜାଲ୍ ଦସ୍ତଖତରେ ୮୦ହଜାର ଟଙ୍କା ବ୍ୟାଙ୍କରୁ ଉଠାଣ

ଭାପୁର, ୮।୮(ଭରତ କୁମାର ବେହେରା )

କିଛିଦିନ ତଳେ ଭାପୁର ବ୍ଲକ୍ ଅନ୍ତର୍ଗତ କେନ୍ଦୁପଲ୍ଲୀ ଗ୍ରାମପଞ୍ଚାୟତରେ ସ୍ୱୟଂସହାୟକ ଗୋଷ୍ଠୀ ମନମୁଖୀ ଭାବେ ଇସି କମିଟି ସଦସ୍ୟ ଚୟନ କରିବା ବିରୋଧରେ ୮ ସ୍ୱୟଂସହାୟକ ଗୋଷ୍ଠୀର କର୍ମକର୍ତ୍ତା ବିଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ। ପୁଣି ସେହି ପଞ୍ଚାୟତରୁ ଫତେଗଡ ଥାନାରେ ଲିଖିତ ଅଭିଯୋଗ ହୋଇଛି, ଜାଲ ଦସ୍ତଖତରେ ବ୍ୟାଙ୍କରୁ ୮୦ହଜାର ଟଙ୍କା ଉଠାଣ ହୋଇଛି। ଏହାକୁ ନେଇ ଭାପୁର ବ୍ଲକ୍‌ରେ ଚର୍ଚ୍ଚା ଜୋରଦାର ହୋଇଛି। କେନ୍ଦୁପଲ୍ଲୀ ପଞ୍ଚାୟତର ବିଶ୍ୱ ମା'ପାର୍ବତୀ ସ୍ୱୟଂସହାୟକ ମହିଳା ଗୋଷ୍ଠୀର ୩ ଜଣ ସଦସ୍ୟ ଏଭଳି ଅଭିଯୋଗ ଫତେଗଡ଼ ଥାନାରେ କରିଛନ୍ତି ।

ସେମାନଙ୍କ ଅଭିଯୋଗ ଅନୁଯାୟୀ, ଆଜକୁ ୪ ବର୍ଷ ତଳେ ୧୧ଜଣ ମହିଳା ମିଶି ବିଶ୍ୱ ମା'ପାର୍ବତୀ ନାମକ ଏକ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଗଠନ କରିଥିଲେ। ପ୍ରଥମେ ସମସ୍ତ ସଭ୍ୟା ମାସିକ କିଛି କିଛି ଟଙ୍କା ଆଦାୟ କରି ପଦ୍ମାବତୀ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କରେ ଏକ ଜମା ଖାତା ଖୋଲି ସେଥିରେ ଟଙ୍କା ଜମା କରିଥିଲେ। ପରେ ବିଶ୍ୱ ମା'ପାର୍ବତୀ ମହିଳା ଗୋଷ୍ଠୀକୁ ୫୦ ହଜାର ଟଙ୍କା ଋଣ ମଞ୍ଜୁର ହୋଇଥିଲା। ଏହି ଟଙ୍କାକୁ ୧୧ଜଣ ସଭ୍ୟା ସମାନ ଭାବେ ବାଣ୍ଟି ନେଇଥିଲେ। ଏହାପରେ କିସ୍ତି ଅନୁଯାୟୀ ସମସ୍ତ ସଭ୍ୟା ଟଙ୍କା ଶୁଝି ଦେଲେ। ଏହାପରେ ଋଣ ଆବଶ୍ୟକ ପଡିବାରୁ ବ୍ୟାଙ୍କ ପାମ୍ପଡ ତିଆରି କରିବା ଲାଗି ଏହି ଗୋଷ୍ଠୀକୁ ୪ଲକ୍ଷ ଟଙ୍କା ଯୋଗାଇ ଦେଇଥିଲେ। ଏହାପରେ ୧୧ ଜଣ ସଭ୍ୟା ସମାନ ଭାଗରେ ଟଙ୍କା ନେଇ ପ୍ରତିମାସରେ କିସ୍ତି ଅନୁଯାୟୀ ଶୁଝି ଆସୁଥିଲେ। ଏହାପରେ ଏହି ଗୋଷ୍ଠୀର କିଛି ସଭ୍ୟାଙ୍କ ଅଗୋଚରରେ ତଥା ଅଜାଣତରେ ଏହି ବିଶ୍ୱ ମା'ପାର୍ବତୀ ସ୍ୱୟଂ ସହାୟକ ଗୋଷ୍ଠୀର ସଭାନେତ୍ରୀ ରମାମଣି ମଲିକ, ସମ୍ପାଦିକା ଲକ୍ଷ୍ମୀ ବେହେରା, ଇସି ମିତାରାଣୀ ସିଂହ ପ୍ରମୁଖ କେତେଜଣ ସଭ୍ୟାଙ୍କ ଜାଲ ଦସ୍ତଖତ କରି ଜମା ଖାତାରୁ ୮୦ ହଜାର ଟଙ୍କା ଉଠାଇ ନେଇଛନ୍ତି। ଏହା ଜାଣିବା ପରେ ପଦ୍ମାବତୀ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଶାଖାର ମ୍ୟାନେଜରଙ୍କୁ ଜଣାଇବା ସହ ଫତେଗଡ ଥାନାରେ ଲିଖିତ ଆଭିଯୋଗ କରିଛନ୍ତି। ଫତେଗଡ଼ ଥାନା ପୋଲିସ ପକ୍ଷରୁ ଏହି ସଂସ୍ଥାର ସମସ୍ତ ସଦସ୍ୟାଙ୍କୁ ଡାକି ତଦନ୍ତ ଚାଲୁ ରଖିଛି ।



ଥାନାକୁ ଅଭିଯୋଗ କରିବାକୁ ଆସିଥିବା ସ୍ୱୟଂସହାୟିକା ଗୋଷ୍ଠୀର ମହିଳା।

**ଥାନାରେ ମାମଲା ରୁଜୁ ପରେ ତଦନ୍ତ**

**ଚା’ ଦୋକାନରୁ ଝୁଲନ୍ତା ମୃତଦେହ ଜବତ**

ପାରାଦୀପ,(ଶରତ ରାଉତ):ପାରାଦୀପ ଆଦର୍ଶଥାନା ଅନ୍ତର୍ଗତ ଇଫ୍‌କୋ ଛକ ନିକଟରେ ଥିବା ଏକ ଚା’ ଦୋକାନରୁ ଗୁରୁବାର ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ସେ ହେଲେ ଶୁଖୁଆଖଳା ବାସିନ୍ଦା ସଞ୍ଜୟ ପରିଡ଼ା(ଟୁକୁନା)। ଏହି ଦୋକାନ ଭିତରେ ଲାଗିଥିବା ବାଉଁଶରେ ତାଙ୍କ ଝୁଲନ୍ତା ମୃତଦେହ ଦେଖି ପାଖ ଦୋକାନୀ ପୋଲିସକୁ ଖବର ଦେଇଥିଲେ। ଏହାପରେ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଅପମୃତ୍ୟୁ ମାମଲା (ନଂ.୯/୧୨) ରୁଜୁ କରିଛି। ପାରିବାରିକ କଳହରୁ ସେ ଏପରି ଆତ୍ମହତ୍ୟା କରିଥିବା ପୋଲିସ ତଦନ୍ତରେ ଜଣାପଡ଼ିଛି।

# ୨୦୬୫ ଅଚଳ ଏଲ୍‌ଆଇପି କାର୍ଯ୍ୟକ୍ଷମ ହେବ

- ୧୦୧୫୨ପୁରାତନ ଏଲ୍‌ଆଇପିର ସୁଦୃଢ଼ୀକରଣ କରାଯିବ
- ବିଦ୍ୟୁତ ବିଲ୍ ପଇଠ ନ ହେବା ପ୍ରମୁଖ ସମସ୍ୟା

**ଯାଜପୁର,୮।୮(ହର୍ଷବର୍ଦ୍ଧନ ବେହେରା) :** ରାଜ୍ୟରେ ୨୦୬୫ଟି ଅଚଳ ଉଠା ଜଳସେଚନ ପ୍ରକଳ୍ପ(ଏଲ୍‌ଆଇପି)ର ପୁନରୁଦ୍ଧାର ଦ୍ୱାରା ୫୯୨୯୨ ହେକ୍ଟର ଜମିକୁ ପୁନଃ ଜଳସେଚନ ବ୍ୟବସ୍ଥା ଯୋଗାଇ ଦେବାର ଲକ୍ଷ୍ୟ ରଖାଯାଇଛି। ଏଥିସହିତ ୧୦୧୫୨ଟି ପୁରାତନ ସଚଳ ଉଠାଜଳସେଚନ ପ୍ରକଳ୍ପର ସୁଦୃଢ଼ୀକରଣ କରାଯାଇ ୨୨୬୮୬ ହେକ୍ଟର ଜମିକୁ ନିରବଚ୍ଛିନ୍ନ ଭାବେ ଜଳସେଚନ ଯୋଗାଇ ଦିଆଯିବ। ଏଥିପାଇଁ ଆଗାମୀ ୫ ବର୍ଷରେ ୧୦୮୪.୩୮ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏହି ମର୍ମରେ ଜଳ ସମ୍ପଦ ବିଭାଗ ପକ୍ଷରୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁଗର୍ଗ ସଙ୍କଳ୍ପ ପତ୍ର ଜାରି କରି ସରକାରଙ୍କ ସମସ୍ତ ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଆରଡିସି, ଜିଲାପାଳଙ୍କ ଅବଗତି ନିମନ୍ତେ ପଠାଇଛନ୍ତି।

ରାଜ୍ୟ ସରକାରଙ୍କ ସଙ୍କଳ୍ପ ପତ୍ର ଅନୁଯାୟୀ, ଅଚଳ ପ୍ରକଳ୍ପଗୁଡ଼ିକୁ ପୁନଶ୍ଚ କାର୍ଯ୍ୟକ୍ଷମ କରି ହ୍ରାସ ପାଇଥିବା ଜଳସେଚନ କ୍ଷମତାର ବୃଦ୍ଧି କରି ଉଭୟ ଖରିଫ ଓ ରବି ଋତୁରେ ଉପଯୋଗୀ କରାଯିବ। ଏହାବାଦ୍ ଜଳସେଚନ କ୍ଷମତା ସୃଷ୍ଟି ଓ ଜଳସେଚନର ପ୍ରକୃତ ବ୍ୟବହାର ମଧ୍ୟରେ ଥିବା ପାର୍ଥକ୍ୟକୁ ଦୂର କରାଯିବ। ଉଠା ଜଳସେଚନ ପ୍ରକଳ୍ପର କ୍ଷମତା ବୃଦ୍ଧି ଦ୍ୱାରା କୃଷକମାନଙ୍କ ସାମାଜିକ ଓ ଆର୍ଥିକ ବିକାଶରେ ସହାୟକ ହେବ। ଏଥିପାଇଁ ୨୦୨୪-୨୫ ବର୍ଷରେ ୨୭୪ କୋଟି, ୨୦୨୫-୨୬ରେ ୨୯୭.୯୪ କୋଟି, ୨୦୨୬-୨୭ରେ ୧୩୯.୩୪ କୋଟି, ୨୦୨୭-୨୮ରେ ୧୪୫.୭୩ କୋଟି ଓ ୨୦୨୮-୨୯ରେ ୨୨୭.୩୧ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଯେଉଁଠାରେ ଅର୍ଥକରୀ ଫସଲ ଚାଷ କରାଯାଉଥିବା ସେହି ସ୍ଥାନରେ ଥିବା ପୁରୁଣା ସଚଳ ପ୍ରକଳ୍ପଗୁଡ଼ିକର ସଶକ୍ତୀକରଣକୁ ପ୍ରାଥମିକତା ଦିଆଯିବ। କିନ୍ତୁ ରାଜ୍ୟର ଅଧିକାଂଶ ପ୍ରକଳ୍ପ ରହିଛି ଯେଉଁଠାରେ ଭଙ୍ଗାଦଦରା ଘର କେବଳ ଦେଖିବାକୁ ମିଳିଛି। ଉଠା ଜଳସେଚନ ପ୍ରକଳ୍ପ ଖନନରେ ଚଞ୍ଚକତା ଏହାର ପ୍ରମୁଖ କାରଣ ବୋଲି କୁହାଯାଉଛି। ଖଣି, ଶିଳ୍ପ ଆଦି ନାମରେ ଜଙ୍ଗଲ ଓ ପରିବେଶ ନଷ୍ଟ ଯୋଗୁ ଅନାବୃଷ୍ଟି ବା ସ୍ୱଳ୍ପ ବୃଷ୍ଟି ହେଉଛି। ଶିଳ୍ପକାରଖାନାଗୁଡ଼ିକ ମନଇଚ୍ଛା ଭୂତଳ ଜଳ ବ୍ୟବହାର କରୁଥିବାରୁ ଭୂତଳ ଜଳସ୍ତର ହ୍ରାସ ପାଉଛି। ଏହି କ୍ରମରେ ଜଳସେଚନ ବ୍ୟବସ୍ଥାକୁ ସୁଦୃଢ଼ କରାଯାଉ ନ ଥିବାରୁ ଜିଲାର କୃଷି ସଙ୍କଟରେ



ଅଚଳ ହୋଇପଡ଼ିଥିବା ଉଠା ଜଳସେଚନ ପ୍ରକଳ୍ପ।

ରହିଛି। ଜଳାଭାବ ଯୋଗୁ ଜିଲାର ଚାଷୀ ରବି ଋତୁ ଚାଷ ଉପରୁ ମୁହଁ ଫେରାଇ ନେଇଛନ୍ତି। ଏଭଳିସ୍ଥିତିରେ ଉଠା ଜଳସେଚନ ପ୍ରକଳ୍ପର ବହୁ ଗୁରୁତ୍ୱ ରହୁଥିବାବେଳେ ରାଜ୍ୟ ସରକାରଙ୍କ ଉପରୋକ୍ତ ସଙ୍କଳ୍ପ ଚାଷୀମାନଙ୍କ ପାଇଁ ଆଶାର କିରଣ ହୋଇଛି।

ଏଠାରେ ଯାଜପୁର ଜିଲାକୁ ଉଦାହରଣ ଭାବେ ନିଆଯାଇପାରେ। ଏଠାରେ ପ୍ରାୟ ୪ ହଜାର ଉଠାଜଳସେଚନ ପ୍ରକଳ୍ପ ରହିଛି। ଏଥିରେ ପ୍ରାୟ ୪୫ ହଜାର ହେକ୍ଟର ଜମି ଜଳସେଚିତ ହେଉଥିବା ବିଭାଗ ପକ୍ଷରୁ ଦାବି କରାଯାଇଛି। ବାସ୍ତବ ପକ୍ଷେ ଶତାଧିକ ଏଲ୍‌ଆଇ ପ୍ରକଳ୍ପ ଅଚଳ ରହିଥିବାରୁ ଏହାର ଅର୍ଦ୍ଧାଧିକ ଜମିରେ ମଧ୍ୟ ପାଣି ମାଡୁ ନ ଥିବା ଅଭିଯୋଗ ହୋଇଛି। ଜିଲାରେ ଚଳିତ ବର୍ଷ ଜୁନରେ ୩୪% ଓ ଜୁଲାଇରେ ୩୫% କମ ବର୍ଷା ରେକର୍ଡ କରାଯାଇଛି। ଏଭଳିସ୍ଥିତିରେ ମେଗା ଉଠା ଜଳସେଚନ ପ୍ରକଳ୍ପ ଏକମାତ୍ର ଭରସା ଥିଲା। କିନ୍ତୁ ନଦୀଗୁଡ଼ିକରେ ପାଣିର ଉପଲବ୍ଧତାକୁ ନେଇ ଚାଷ ଜମିକୁ ଜଳସେଚନ ହୋଇ ପାରିବ ବୋଲି ମେଗା ଉଠାଜଳସେଚନ ବିଭାଗୀୟ ଅଧିକାରୀମାନେ କହୁଛନ୍ତି। ଫଳରେ ମରୁଡ଼ି କିମ୍ବା ସ୍ୱଳ୍ପ ବର୍ଷା ସମୟରେ ଚାଷୀ ଜଳସେଚନର ସୁବିଧା ନ ପାଇ ବ୍ୟାପକ କ୍ଷୟକ୍ଷତିର ସମ୍ମୁଖୀନ ହୋଇ ଆସୁଛନ୍ତି। ଜିଲାର ବଡ଼ଚଣା, ବରୀ, ଧର୍ମଶାଳା, ଯାଜପୁର ଓ ରସୁଲପୁର ବ୍ଲକ ଅଞ୍ଚଳର ୯ଟି ପ୍ରକଳ୍ପ ଦ୍ୱାରା ପ୍ରାୟ ୧୨,୮୦୦ହେକ୍ଟର ଜମିରେ ଜଳସେଚନର ପରିକଳ୍ପନା ହୋଇଥିଲା। ତଦନୁସାରେ କେଲୁଅ, ବିରୁପା, ତଣ୍ଟିଘାଇ, ଦୁଧେଇ ଓ ଖରସ୍ରୋତା ନଦୀରେ ପ୍ରାୟ ୫୦୦ କୋଟି ଟଙ୍କା ଖର୍ଚ୍ଚରେ ପ୍ରକଳ୍ପଗୁଡ଼ିକର ପମ୍ପହାଉସ ନିର୍ମାଣ ହୋଇଛି। ହେଲେ ଏହି ଅର୍ଥରେ ଚାଷୀ ସମ୍ପୂର୍ଣ୍ଣ ଭାବେ ଉପକୃତ ହୋଇ ପାରିନାହାନ୍ତି।

ଏ ସଂକ୍ରାନ୍ତରେ ଉଠା ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଅରୁଣ କୁମାର ମିଶ୍ରଙ୍କୁ ପଚାରିବାରେ ସେ କହିଛନ୍ତି, ବିଦ୍ୟୁତ୍ ଯୋଗାଣ ନ ଥିବାରୁ କେତେକ ପ୍ରକଳ୍ପ ଅଚଳ ହୋଇଛି। ଏବେ ୮ଟି କିସ୍ତିରେ ବକେୟା ବିଦ୍ୟୁତ୍ ବିଲ୍ ପଇଠ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ତେଣୁ ଚାଷୀମାନେ ଏହି ନିଷ୍ପତ୍ତିକୁ ମାନି ବିଦ୍ୟୁତ୍ ବିଲ୍ ପଇଠ କରି ପାରିଲେ ପ୍ରକଳ୍ପଗୁଡ଼ିକ ସଚଳ ହୋଇ ପାରିବ। ଯେଉଁଠି ଚାଷୀମାନେ ଚାହିଁବେ ସେଠାରେ ପ୍ରକଳ୍ପଗୁଡ଼ିକୁ ସଚଳ ଓ ସୁଦୃଢ଼ୀକରଣ କରାଯିବ।

## ବସ୍-ତେଲ ଟ୍ୟାଙ୍କର ଧକ୍କା, ୧୨ ଆହତ

**ମାର୍ଶାଘାଇ,୮।୮(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)** ମାର୍ଶାଘାଇ ଥାନା ଅନ୍ତର୍ଗତ ଚଣ୍ଡିଖୋଲ-ପାରାଦୀପ ୫୩ ନମ୍ବର ଜାତୀୟ ରାଜପଥର ହଜାରୀ ଛକଠାରେ ଏକ ଯାତ୍ରୀବାହୀ ବସ୍ ଗୋଟିଏ ଖାଲି ତେଲ ଟ୍ୟାଙ୍କରକୁ ଗୁରୁବାର ଧକ୍କା ଦେଇଛି। ଫଳରେ ବସରେ ଥିବା ୧୨ ଜଣ ଯାତ୍ରୀ ଆହତ ହୋଇଛନ୍ତି।

ପାରାଦୀପରୁ ନୀଳମାଧବ ନାମକ ଏକ ଯାତ୍ରୀବାହୀ ବସ୍ ଚଣ୍ଡିଖୋଲ ଯାଉଥିବାବେଳେ ସକାଳ ପ୍ରାୟ ୮ଟାରେ ହଜାରୀ ଛକ ନିକଟରେ ଏକ ଖାଲି ତେଲ ଟ୍ୟାଙ୍କର ଗାଡି ରାସ୍ତାର ଡାହାଣ ପଟକୁ ପାସ କରୁଥିବାବେଳେ ଏହାର ପଛ ପଟେ ବସଟି ପିଟି ହୋଇଯାଇଥିଲା। ଫଳରେ ବସ୍‌ରେ ପ୍ରାୟ ୪୦ଜଣ ଯାତ୍ରୀ ଥିବାବେଳେ ସେମାନଙ୍କ ମଧ୍ୟରୁ ୧୨ ଜଣ ଆହତ ହୋଇଛନ୍ତି। ତୁରନ୍ତ ସେମାନଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ସେମାନଙ୍କ ମଧ୍ୟରୁ ୨ଜଣ ଗୁରୁତର ଥିବା ଜଣାପଡ଼ିଛି। ବସ୍‌ରେ ଥିବା କେତେଜଣ ଯାତ୍ରୀ କହିଛନ୍ତି, ବସ୍‌ଟି ଦ୍ରୁତଗତିରେ ଯାଉଥିଲା। ମାର୍ଶାଘାଇ ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡି ୨ଟିକୁ ଜବତ କରି ଘଟଣାର ତଦନ୍ତ ଜାରି ରଖିଛି।





୫୩ ନମ୍ବର ଜାତୀୟ ରାଜପଥର ହଜାରୀ ଛକଠାରେ ଦୁର୍ଘଟଣାଗ୍ରସ୍ତ ବସ୍-ଟ୍ୟାଙ୍କର।

## ବିପଦରେ ପାରାଦୀପ ଭ୍ୟୁ ଟାୱାର





ପାରାଦୀପ ନେହେରୁବଙ୍ଗଳା ମହାନଦୀ ମୁହାଣ ପାଖରେ ଥିବା ଭ୍ୟୁ ଟାୱାର।

- ଖାଲି କରିବା ପାଇଁ ବନ୍ଦର ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ।
- କୂଳ ଲଙ୍ଘୁଛି ମହାନଦୀ ମୁହାଣ

**ପାରାଦୀପ,୮।୮(ଶରତ ରାଉତ):** ପାରାଦୀପ ନେହେରୁବଙ୍ଗଳା ମହାନଦୀ ମୁହାଣ ପାଖ ମନ୍ଦନ ଉଦ୍ୟାନରେ ଥିବା ଭ୍ୟୁ ଟାୱାର ବିପଦରେ ଅଛି। ସେହି ଟାୱାର ପରିଚାଳନା କରୁଥିବା ସ୍ୱର୍ଣ୍ଣମୟୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଖାଲି କରିବା ପାଇଁ ବନ୍ଦର ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। କାରଣ ଉକ୍ତ ଭ୍ୟୁ ଟାୱାର ଏବେ ବିପଦ ମଧ୍ୟରେ ଅଛି। ଯେକୌଣସି ସମୟରେ ଏହା ସମୁଦ୍ର ଗର୍ଭରେ ଲୀନ ହେବାର ଆଶଙ୍କା ରହିଛି। ଭ୍ୟୁ ଟାୱାର ତଳେ ଏବେ ଢେଉ ମାଡ଼ ହେଉଛି। ସେଠାରେ ଗଛ, ସୌନ୍ଦର୍ଯ୍ୟକରଣ ସ୍ମାରକୀ ଆଦି ମହାନଦୀ ମଧ୍ୟରେ ଲୀନ ହୋଇଗଲାଣି। ଏବେ ମହାନଦୀରେ ବନ୍ୟା ଜଳ ନିଷ୍କାସନ ହେଉଛି। ଏହାସହ ସମୁଦ୍ର ମଧ୍ୟ ଅଶାନ୍ତ ରହୁଛି। ମୁହାଣ ନିକଟରେ ଉଚ୍ଚ ଜୁଆର ଓ କରେଣ୍ଟ (ଅନ୍ତଃସ୍ରୋତ) ପ୍ରବାହିତ ହେଉଛି। ସେଥିପାଇଁ ଭ୍ୟୁ ଟାୱାର ଖାଲି କରାଯାଇଛି ବୋଲି ମହିଳା ସମିତି ସଭାପତି ପୁରବୀ ମଣ୍ଡଳ କୁହନ୍ତି। ମହାନଦୀ ମୁହାଣ ଠାରୁ ମାଛଧରାବନ୍ଦର ପର୍ଯ୍ୟନ୍ତ ନେହେରୁ ବଙ୍ଗଳା ସ୍ଥଳ ଭାଗ ଗତ କିଛି ବର୍ଷ ହେଲା ଖାଇବାରେ ଲାଗିଛି। ଏହା ଫଳରେ ସେଠାରେ ଶତାଧିକ ଗଛ ନଦୀରେ ଲୀନ ହୋଇଯାଇଛି।

ମହାନଦୀ ମୁହାଣ ଓଡ଼ିଶାର ଅନ୍ୟତମ ଆକର୍ଷଣୀୟ ସ୍ଥାନ। ସେଠାରେ ମହାନଦୀ ସମୁଦ୍ରରେ ମିଶୁଥିବା ଦୃଶ୍ୟ ନୈସର୍ଗିକ ବୋଲି ପର୍ଯ୍ୟଟକ ପ୍ରଶାନ୍ତ ରାଉତ କୁହନ୍ତି। ସମୁଦ୍ର ଢେଉରୁ ନେହେରୁ ବଙ୍ଗଳା ସୁରକ୍ଷା ପାଇଁ ପାରାଦୀପ ବନ୍ଦର ପ୍ରଶାସନ ୧୯୮୨ ମସିହାରୁ ପଥରବନ୍ଧ ନିର୍ମାଣ କରିଛନ୍ତି। ସେହି ପଥରବନ୍ଧ ଉପରେ ଠିଆ ହେଲେ ମହାନଦୀ ସଙ୍ଗମ ଦୃଶ୍ୟ ଦେଖିବାକୁ ମିଳିଥାଏ। ସେଥିପାଇଁ ସେଠାରେ ପର୍ଯ୍ୟଟକମାନଙ୍କ ପାଇଁ ବନ୍ଦର ପ୍ରଶାସନ ୨୦୦୫ରେ ଭ୍ୟୁ ଟାୱାର ତିଆରି କରିଥିଲେ। ସେତେବେଳେ ସମୁଦ୍ର ପ୍ରାୟ ୫୦୦ ମିଟର ଦୂରରେ ଥିଲା। ଏଥିସହ ପାରାଦୀପ ପୌରପାଳିକା ପକ୍ଷରୁ ଟାଇଲରେ ପାଦଚଲା ରାସ୍ତା, ପିଲାଙ୍କ ଖେଳ ଉପକରଣ, ଭୋଜି ପାଇଁ ପିଣ୍ଡି ଆଦି ନିର୍ମାଣ କରାଯାଇଥିଲା। ମାତ୍ର ପ୍ରତି ବର୍ଷ କୂଳ ଖାଇ ପାଣି ଏବେ ମନ୍ଦନ ଉଦ୍ୟାନ ଭିତରକୁ ପଶି ଗଲାଣି। ବିଶେଷକରି ବନ୍ୟା ଜଳ ନିଷ୍କାସନ ସମୟରେ ଅଧିକ କୂଳ ଖାଉଛି ବୋଲି ମହିଳା ସମିତି ସଦସ୍ୟା ବିଜୟଲକ୍ଷ୍ମୀ କୁହନ୍ତି। ଏବେ ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ସେଠାରେ ସୁରକ୍ଷା ପାଇଁ ପଥରବନ୍ଧ କରିବାର ଯୋଜନା ଥିବା ଜଣାପଡିଛି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଆକାଶ



@ ବିମଲ



@ ସିଦ୍ଧାର୍ଥ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଦେବୀ ନଦୀରୁ ଯୁବକଙ୍କ ମୃତଦେହ ଠାବ

**ବାଲିକୁଦା,୮।୮(ତାପସ ସ୍ୱାଇଁ):** ବନ୍ଦର ସାମୁଦ୍ରିକ ଥାନା ଅନ୍ତର୍ଗତ ମରିଚପୁର ପଞ୍ଚାୟତ ଧନୁହର ବେଲାରି ଗ୍ରାମ ନିକଟ ଦେବୀ ନଦୀରୁ ଜଣେ ଯୁବକଙ୍କ ମୃତଦେହ ଠାବ ହୋଇଛି। ସେ ହେଲେ ଅସ୍ତରଙ୍ଗ ଥାନା ଅନ୍ତର୍ଗତ ତାଳଦା ପଞ୍ଚାୟତ ଏଡ଼ବାଂଶ ଗ୍ରାମର ଶରତ ସେନାପତିଙ୍କ ପୁତ୍ର ଆଶୁତୋଷ (୨୬)। ଧନୁହର ଗ୍ରାମର କେତେଜଣ ଲୋକ ଓ ମତ୍ସ୍ୟଜୀବୀ ଦେବୀ ନଦୀରେ ପ୍ରଥମେ ମୃତଦେହ ଭାସୁଥିବା ଦେଖିଥିଲେ। ଏହି ଖବର ପ୍ରସାରିତ ହେବା ପରେ ଅସ୍ତରଙ୍ଗ ଥାନା ଅନ୍ତର୍ଗତ ତାଳଦା ପଞ୍ଚାୟତ ଏଡ଼ବାଂଶ ଗ୍ରାମର କେତେଜଣ ବ୍ୟକ୍ତି ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ପୋଲିସ, ଯୁବକ ଓ ମତ୍ସ୍ୟଜୀବୀଙ୍କ ସହାୟତାରେ ଉକ୍ତ ମୃତଦେହ ପାଣିରୁ ବାହାର କରିଥିଲେ। ଏହାପରେ ମୃତ ଆଶୁତୋଷଙ୍କ ପରିଚୟ ମିଳିଥିଲା। ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ନେଇଯାଇଛନ୍ତି। ଆଶୁତୋଷ ୬ ତାରିଖ ସନ୍ଧ୍ୟାରେ ଶୌଚ ହେବା ପାଇଁ ଦେବୀ ନଦୀ ବନ୍ଧକୁ ଯାଇଥିଲେ। ସେଠାରେ ଅସାବଧାନତାବଶତଃ ଗୋଡ଼ ଖସି ଯିବାରୁ ସେ ନଦୀରେ ଭାସି ଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ସୁଦ୍ଧା କୌଣସି ସନ୍ଧାନ ନ ପାଇ ବାଲିକୁଦା ଅଗ୍ନିଶମ ବିଭାଗକୁ ଅବଗତ କରାଇଥିଲେ। ଆଶୁତୋଷ ମାନସିକ ବିକାରଗ୍ରସ୍ତ ଥିବା ପରିବାର ଲୋକେ କହିଛନ୍ତି।

## ପୋଖରୀ ସୌନ୍ଦର୍ଯ୍ୟକରଣ ପାହାଚର ନମୁନା ଯାଞ୍ଚ

**ଲୋକାୟୁକ୍ତଙ୍କ ନିର୍ଦ୍ଦେଶରେ ଗରଦପୁର ବ୍ଲକରେ ଭିଜିଲାନ୍ସ ତଦନ୍ତ ଜାରି**

**ପାଟକୁରା, ୮।୮(ରବୀନ୍ଦ୍ର ନାଥ ବାରିକ):** ଲୋକାୟୁକ୍ତଙ୍କ ନିର୍ଦ୍ଦେଶରେ ଗରଦପୁର ବ୍ଲକକୁ ତଦନ୍ତରେ ଆସିଥିବା କଟକ ଭିଜିଲାନ୍ସ ଡିଏସ୍‌ପି ସୁଜାତା ଜେନାଙ୍କ ଟେକ୍ନିକାଲ ଟିମ୍ ଗୁରୁବାର ୩ୟ ଦିନରେ ଅନୁସନ୍ଧାନ ଜାରି ରଖିଛନ୍ତି। ଗରଦପୁର ପଞ୍ଚାୟତ ଅଧୀନ ନୈନ୍ଦିପୁର ଖେଳପଡ଼ିଆ ଓ ନୈନ୍ଦିପୁର ସ୍କୁଲ କାର୍ଯ୍ୟ ଅନୁଧ୍ୟାନ କଲା ପରେ ଗୁରୁବାର ବ୍ଲକ ପରିସରରେ ପୋଖରୀ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ପୁଷ୍କରିଣୀରେ ଥିବା ପାହାଚର ନମୁନା ଯାଞ୍ଚ କରିବା ପାଇଁ ପାହାଚ ପାର୍ଶ୍ୱ ଖୋଳିଥିଲେ। ଏହି ପ୍ରକଳ୍ପ ପାଇଁ ପାଖାପାଖି ୫୦ ଲକ୍ଷ ଟଙ୍କା ବିଲ୍ ହୋଇଥିବା ଅଭିଯୋଗ ହୋଇଛି। କାର୍ଯ୍ୟ ନିମ୍ନମାନର ହୋଇଛି ବୋଲି ଗରଦପୁର ଗ୍ରାମର ସୂଚନା ଅଧିକାର କର୍ମୀ ପବିତ୍ର କୁମାର ପାଣି ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ମୁତାବକ, ଏହି ପ୍ରକଳ୍ପ ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ପ୍ରଥମ କିସ୍ତିରେ ୧ଲକ୍ଷ ୧ ହଜାର ୨୩୨ ଟଙ୍କା ଓ ଦ୍ୱିତୀୟ କିସ୍ତିରେ ୧ ଲକ୍ଷ ୬୦ ହଜାର ଟଙ୍କା ବିନିଯୋଗ ହୋଇଥିବା ବିଲରେ ଦର୍ଶାଯାଇଛି। ମ୍ୟାଟେରିଆଲ ବାବଦରେ ୭ ଲକ୍ଷ ୬୩୮ ଟଙ୍କା ମିଳିଛି। ଏତତବ୍ୟତୀତ ୧୪ ଲକ୍ଷ ଅର୍ଥ କମିଶନ ଅନୁଦାନ ପାଖାପାଖି ୫୦ଲକ୍ଷ ଟଙ୍କା ବିନିଯୋଗ ହୋଇଥିବା ଦର୍ଶାଯାଇ ଟଙ୍କା ହରିଲୁଟ ହୋଇଥିବା ସୂଚନା ଅଧିକାର କର୍ମୀ ପାଣି କହିଛନ୍ତି। ଏହି ପ୍ରକଳ୍ପ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ବିଶ୍ୱ ରଞ୍ଜନ ସିଂଙ୍କୁ ଭିଜିଲାନ୍ସ ଟିମ୍ ବିଭିନ୍ନ ପ୍ରଶ୍ନ ପଚାରି ଥିଲେ।



ଭିଜିଲାନ୍ସ ଟେକ୍ନିକାଲ ଟିମ୍ ପୋଖରୀ ପାହାଚ ପାଖ ଖୋଳି ଯାଞ୍ଚ କରୁଛନ୍ତି।

## ମୃତ ସମ୍ବିତଙ୍କ ଆଖିଦାନ କଲେ ପରିବାର ଲୋକେ

**ଭୁବନେଶ୍ୱରରେ ପାର୍କିଂକୁ ନେଇ ଡବଲ ମର୍ଡର ଘଟଣା**

**ରାଜନଗର , ୮।୮(ଭାସ୍କର ରାଉତରାୟ)** ଭୁବନେଶ୍ୱରରେ ବୁଧବାର ରାତିରେ ଗାଡ଼ି ପାର୍କିଂକୁ ନେଇ ୨ ସାଙ୍ଗଙ୍କୁ ଛୁରି ଭୁସି ହତ୍ୟା କରାଯାଇଛି। ଏୟାରଫିଲ୍ଡ ଥାନା କଲ୍ୟାଣୀ ପ୍ଲାଜା ଆନେକ୍ସରେ ଗାଡ଼ି ପାର୍କିଂକୁ ନେଇ ରଶ୍ମୀରଞ୍ଜନ ସେଠୀଙ୍କୁ ଛୁରା ମାଡ ହେଉଥିଲା। ସେଠାରେ ଚିକେନ କାଉଣ୍ଟର କରିଥିବା ରାଜନଗର ଥାନା ଚାନ୍ଦିବାଉଁଶମୂଳ ପଞ୍ଚାୟତ ବାଉଁଶକଣି ଗାଁର ବୀର କିଶୋର ରାଉତଙ୍କ ପୁଅ ସମ୍ବିତ (୨୪) ରଶ୍ମୀରଞ୍ଜନଙ୍କୁ ରକ୍ଷା କରିବାକୁ ଦୌଡି ଆସିଥିଲେ। ମାତ୍ର ଯୁବକମାନେ ସମ୍ବିତଙ୍କୁ ମଧ୍ୟ ଛୁରାମାଡ କରିଥିଲେ। ଫଳରେ ଘଟଣାସ୍ଥଳରେ ସମ୍ବିତଙ୍କ ମୃତ୍ୟୁ ଘଟିଥିଲା। ପୋଲିସଠାରୁ ଖବରପାଇ ପରିବାର ଲୋକେ କ୍ୟାପିଟାଲ ହସ୍ପିଟାଲରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକେ ସମ୍ବିତଙ୍କ ଆଖି ଦାନ କରିଥିଲେ। ଏହାପରେ ପୁରୀ ସ୍ୱର୍ଗଦ୍ୱାରରେ ସମ୍ବିତଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସମ୍ବିତ ୩ଭାଇଙ୍କ ଭିତରେ ସବୁଠୁ ବଡ଼ ଥିଲେ। ତାଙ୍କର ଭାଇ ବିଦ୍ୟା ସାଗର ଓ ସମ୍ପର୍କୀୟ ସରୋଜ କୁମାର ରାଉତ, ରମେଶ ଚନ୍ଦ୍ର ରାଉତ, ବିକ୍ରମଜିତ ରାଉତ, ରଞ୍ଜନ ରାଉତ, ଆନନ୍ଦ ରାଉତ ପ୍ରମୁଖ ସମ୍ବିତଙ୍କ ଆଖି ଦାନ କରିବା ପରେ ଶେଷ କୃତ୍ୟ ସମ୍ପୂନ୍ନ କରିଛନ୍ତି।

## ସପ୍ତାହେ ହେଲା ବୁଡ଼ିଛି ଧାନ ଜମି

- ଜଳ ସମ୍ପଦ ବିଭାଗର ଚରମ ଅବହେଳା
- ଜଳ ନିଷ୍କାସନ ପଥ ବନ୍ଦ

**ଡେରାବିଶ,୮।୮ (ବେବର୍ତ୍ତା ଅଜୟ ଦାସ)** ଡେରାବିଶ ବ୍ଲକ ଅଞ୍ଚଳ ପାଇଁ ଚାଷୀଙ୍କ ଦୁଃଖ ପାଲଟିଛି କେନ୍ଦ୍ରାପଡ଼ା ଡ୍ରେନେଜ ବିଭାଗ। କେନ୍ଦ୍ରାପଡ଼ା ଡ୍ରେନେଜ ବିଭାଗ କର୍ତ୍ତୃପକ୍ଷଙ୍କ ଚରମ ଅବହେଳା ପାଇଁ ବ୍ଲକ ଅଞ୍ଚଳରେ ଥିବା ଡ୍ରେଜେନରେ ଜଳ ନିଷ୍କାସନ ସମସ୍ୟା ବର୍ଷ ବର୍ଷ ଧରି ଲାଗି ରହିଛି। ବ୍ଲକ ଅଧୀନ ୧୯ନଂ. ଡ୍ରେନେଜ କଟ୍ ଜଳ ନିଷ୍କାସନ ସମସ୍ୟା ଦୀର୍ଘବର୍ଷ ହେଲା ଲାଗି ରହିଛି। ଡ୍ରେନେଜ୍ ଉପରେ ନିର୍ଭରଶୀଳ ବାଲିଆ, ଗୋଲରାହାଟ, ପଲେଇ, ଖମୋଳ, କାଉପଡା ପଞ୍ଚାୟତର ଶତାଧିକ ହେକ୍ଟର ଚାଷଜମିରେ ବର୍ଷା ପାଣିରେ ସପ୍ତାହେ ହେଲା ବୁଡି ରହିବା ଫଳରେ ଧାନ ଫସଲ ନଷ୍ଟ ହେବାକୁ ଲାଗିଲାଣି। ଏହାକୁ ନେଇ ଚାଷୀମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ବାଲିଆ ସରପଞ୍ଚ ପ୍ରବୀର କୁମାର ସିଂହ କହିଛନ୍ତି, ଚାଷ ଜମିରେ ପାଣି ଜମି ରହୁଥିବାରୁ ଏହାର ସ୍ଥାୟୀ ସମାଧାନ ପାଇଁ ଅଞ୍ଚଳର ଚାଷୀମାନଙ୍କ ପକ୍ଷରୁ ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷ ଓ କେନ୍ଦ୍ରାପଡ଼ା ଜିଲା ପ୍ରଶାସନକୁ ଅବଗତ କରାଯାଉଥିଲେ ମଧ୍ୟ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଉନାହିଁ। ଫଳରେ ଚାଷୀଙ୍କ ପାଇଁ ସମସ୍ୟା ପାଲଟିଛି। ଦେଶପୁର ଚାଷୀ ସର୍ବେଶ୍ୱର ରାଉତ କହିଛନ୍ତି, ଚଳିତବର୍ଷ ନିଅଣ୍ଟିଆ ବର୍ଷା ପାଇଁ ଖରିଫ ଧାନ ଚାଷ ବିଳମ୍ବରେ ଆରମ୍ଭ ହୋଇଥିଲା। ତେବେ ୨ ସପ୍ତାହ ହେବ ଲଘୁଚାପ ଜନିତ ବର୍ଷା ଜଳ ସମ୍ପୃକ୍ତ ଅଞ୍ଚଳର ଚାଷ ଜମିରେ ଜମି ରହିବା ଓ ଡ୍ରେଜେଜ୍ କଟ୍‌ରେ ଉଦ୍‌ବୃତ୍ତ ବର୍ଷା ଜଳ ନିଷ୍କାସିତ ନ ହେବା ଯୋଗୁ ରୁଆ ପୋତା ହୋଇଥିବା ଧାନ ଗଛ ପଚିଯିବାକୁ ଲାଗିଲାଣି। ଏଥିସହ ଧାନ ତଳି ପଡିଥିବା କେତେକ ବିଲରେ ସପ୍ତାହରୁ ଊର୍ଦ୍ଧ୍ୱ ହେବ ପାଣି ଜମି ରହିଥିବାରୁ ତଳି ମଧ୍ୟ ନଷ୍ଟ ହେବାକୁ ବସିଲାଣି। ଜଳ ନିଷ୍କାସନ ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ସମ୍ପୃକ୍ତ ଅଞ୍ଚଳ ଚାଷୀ ଓ ଲୋକ ପ୍ରତିନିଧିମାନେ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ନିବେଦନ କରିଥିଲେ। ମାତ୍ର ଏଯାଏ ବିଭାଗୀୟସ୍ତରରେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏ ସମ୍ପର୍କରେ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ସିଦ୍ଧାର୍ଥ ଶେଖରଙ୍କୁ ପଚାରିବାରେ ଚାଷୀଙ୍କ ଏହି ସମସ୍ୟା ସମ୍ପର୍କରେ ଜାଣିବା ପରେ ବିଭାଗୀୟ ସହକାରୀ ଓ କନିଷ୍ଠ ଯନ୍ତ୍ରୀଙ୍କୁ ଗୁରୁବାର ଘଟଣାସ୍ଥଳକୁ ପଠାଯାଇଥିଲା। ସେମାନେ ତନଖି କରିବା ସମୟରେ ବ୍ଲକ ଅଧୀନ କାଉପଡ଼ା ପଞ୍ଚାୟତର ଥକଇେନେଇଲିଠାରେ ୧୯ନଂ. ଡ୍ରେନେଜ କଟ୍ ଉପରେ କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମାଣାଧୀନ ଅବସ୍ଥାରେ ଥିବା ପୋଲ କାମ ପାଇଁ ଠିକାଦାର ମାଟି ବନ୍ଧ ପକାଇ ପାଣିକୁ ଅଟକାଇଛନ୍ତି। ତେବେ ଏହି ମାଟି ବନ୍ଧର କିଛି ଅଂଶକୁ ଡ୍ରେନେଜ୍ କଟ ବିଭାଗ ତତ୍ତ୍ୱାବଧାନରେ ଖୋଳାଯିବା ପରେ ଜଳ ନିଷ୍କାସନ ହେଉଛି ବୋଲି ଅଧୀକ୍ଷଣ ଯନ୍ତ୍ରୀ କହିଥିଲେ। ଉକ୍ତ ବନ୍ଧରେ ବହୁ ପରିମାଣର ମାଟି ଥିବାରୁ ତାହା ପୂର୍ତ୍ତ ବିଭାଗ ମେଶିନ ସାହାଯ୍ୟରେ ଖୋଳି ଦେବା କଥା। ମାତ୍ର ସେ ଏହି ମାଟି ବନ୍ଧକୁ ତୁରନ୍ତ ଖୋଳିବା ପାଇଁ କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଚିଠି ଦ୍ୱାରା ଜଣାଇଛନ୍ତି ବୋଲି ସେ କହିଛନ୍ତି। କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଜ୍ୟୋତିରଞ୍ଜନ ପତିଙ୍କୁ ପଚାରିବାରେ ପୋଲ ନିର୍ମାଣ କାମ ପାଇଁ ହୋଇଥିବା ମାଟି ବନ୍ଧକୁ ହଟାଇବା ପାଇଁ ଦାୟିତ୍ୱରେ ଥିବା ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ସହ ଆଲୋଚନା କରିବେ ବୋଲି ସେ କହିଛନ୍ତି।



ଚାଷ ଜମି ପାଣିରେ ବୁଡ଼ି ରହିଛି।

# ବିନା ପରିଚାଳକରେ ଚାଲିଛି ଶ୍ରୀନୀଳମାଧବ ମନ୍ଦିର

- ନୀତିକାନ୍ତିରେ ବିଭ୍ରାଟ, ମନ ଇଚ୍ଛା ଚାଲିଛି ଅର୍ଥ ବ୍ୟୟ
- ପରିଚାଳନା କମିଟି ଗଠନ ହୋଇପାରୁନାହିଁ

ଖଣ୍ଡପଡ଼ା,୮।୮ (ଅଜୟ କୁମାର ମହାରଣା)



ଜଗନ୍ନାଥ ସଂସ୍କୃତିର ଆଦି ପୀଠ ନୟାଗଡ଼ ଜିଲା କଣ୍ଟିଲୋର ଶ୍ରୀନୀଳମାଧବ ପୀଠ ଏବେ ନାନା ସମସ୍ୟା ମଧ୍ୟରେ ଗତି କରୁଛି । ବିଶେଷ କରି ଶ୍ରୀଜୀଉଙ୍କ ନୀତିକାନ୍ତି ପରିଚାଳନାରେ ବିଭ୍ରାଟ ଲାଗି ରହିଛି । ବିନା ପରିଚାଳକ ଦ୍ୱାରା ବିଭିନ୍ନ ନିତିକାନ୍ତି ପରିଚାଳିତ ହେଉଥିବାରୁ ଏହି ସମସ୍ୟା ମୁଣ୍ଡ ଟେକିଛି । ଏଥିପାଇଁ ମାଧବଙ୍କୁ ଏକା ମାଧବ ହିଁ ସାହା ବୋଲି ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ଆଲୋଚନା ହେଉଛି ।

ଏହି ପୀଠର ପୁରାତନ କୀର୍ତ୍ତିରାଜି ଆଜି ଧ୍ୱଂସାଭିମୁଖୀ । ପ୍ରଶାସନିକ ଅବହେଳା ତଥା ରାଜନୈତିକ ଇଚ୍ଛାଶକ୍ତିର ଅଭାବରୁ ଏହି ଐତିହାସିକ ପୀଠ ଅବହେଳିତ ହୋଇପଡିଛି । ରାଜ୍ୟ ଓ କେନ୍ଦ୍ର ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ଏହି ମନ୍ଦିରର ସୁରକ୍ଷା ପ୍ରତି ଅଣଦେଖା କରାଯାଉଛି । ଓଡ଼ିଶାର ଗଡ଼ଜାତ ରାଜାମାନେ ନୀଳମାଧବଙ୍କ ବିଭିନ୍ନ ଯାନିଯାତ୍ରା, ସେବାପୂଜା ପାଇଁ ବିପୁଳ ଭୂ-ସମ୍ପତ୍ତି ରଖି ଯାଇଥିଲେ । ମନ୍ଦିର ଓ ପୁରାତନ କୀର୍ତ୍ତିରାଜିର ସୁରକ୍ଷା ଦାୟିତ୍ୱ ଏବେ ଦେବୋତ୍ତର ବିଭାଗ ଉପରେ ନ୍ୟସ୍ତ ହୋଇଛି । ଶ୍ରୀଜୀଉଙ୍କ ନାମରେ ବିପୁଳ ଭୂ ସମ୍ପତ୍ତି ରହିଥିଲେ ମଧ୍ୟ ତାହା ଏବେ ପ୍ରଜାଙ୍କ ଦଖଲରେ ଅଛି । ଫଳରେ ଠାକୁରଙ୍କ ନୀତିକାନ୍ତି ସମ୍ପନ୍ନ କରିବାରେ ସମସ୍ୟା ସୃଷ୍ଟି ହୋଇଛି । ଖଣ୍ଡପଡ଼ା ଦେବୋତ୍ତର ବିଭାଗ ଅଧୀନରେ ଥିବା ୧୪ଟି ମଠ ଓ ମନ୍ଦିରରୁ ନୀଳମାଧବ ମନ୍ଦିରର ଆୟ ସର୍ବାଧିକ । ଏହି ମନ୍ଦିର ଆୟରୁ ନୀଳମାଧବଙ୍କ ସମେତ କଣ୍ଟିଲୋ ରଘୁନାଥ ମନ୍ଦିର, ରାଧାମୋହନ ମଠ, ପଥରଚକଡାସ୍ଥିତ ମା'ନାରାୟଣୀ ଏବଂ ଯଶୋମନ୍ତପୁର ମଠ ପରିଚାଳନା ହୋଇଥାଏ । ମନ୍ଦିର ପରିଚାଳାନା ନିମନ୍ତେ ଦେବୋତ୍ତର କମିଶନରଙ୍କ ସ୍ୱୀକୃତୀ କ୍ରମେ ଏକ ପରାମର୍ଶଦାତା କମିଟି ଗଠନ କରାଯାଇଥିଲା । ପରାମର୍ଶଦାତା କମିଟିର ସୁପାରିଶ କ୍ରମେ ତଥା ଶୃଙ୍ଖଳିତ ମନ୍ଦିର ନୀତିକାନ୍ତି ଆଦି ପରିଚାଳନା ପାଇଁ ୨୦୧୬ ମସିହାରେ ସ୍ଥାନୀୟ ଅଞ୍ଚଳର ହରିହର ଦାଶଙ୍କୁ ସ୍ୱତନ୍ତ୍ର ମ୍ୟାନେଜର ଭାବେ ନିଯୁକ୍ତି ମିଳିଥିଲା । ଏହା ପୂର୍ବରୁ ନୀଳମାଧବ ମନ୍ଦିର ପରିଚାଳନା ଦାୟିତ୍ୱ ଖଣ୍ଡପଡ଼ା ଦେବୋତ୍ତର ମ୍ୟାନେଜରଙ୍କ ଉପରେ ନ୍ୟସ୍ତ କରାଯାଇଥିଲା । ହେଲେ ଦୀର୍ଘ ୫ବର୍ଷ ହେବ ନୂତନ ପରାମର୍ଶଦାତା କମିଟି ଗଠନ ହୋଇ ନାହିଁ । ବିଭିନ୍ନ କାରଣ ଯୋଗୁ ନୀଳମାଧବ ମନ୍ଦିରର ମ୍ୟାନେଜର ଦାୟିତ୍ୱରେ ଥିବା ଦାଶ ଗତ ମେ ମାସରୁ ଇସ୍ତଫା ଦେଇଛନ୍ତି । ତାଙ୍କ ଇସ୍ତଫା ପତ୍ରକୁ ଜୁନ୍ ମାସରେ ତତ୍କାଳୀନ ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ତହସିଲଦାର ଧୋବେଇ ନାଏକ ଗ୍ରହଣ କରିଥିଲେ । ହେଲେ ଆଜି ପର୍ଯ୍ୟନ୍ତ କୌଣସି ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯାଇ ନାହିଁ । ଅନ୍ୟପକ୍ଷେ ତହସିଲଦାର ନାଏକ ଜଣେ ମୋହରିରଙ୍କ ଦ୍ୱାରା ଲକ୍ଷାଧିକ ଟଙ୍କା ଚନ୍ଦନ ଯାତ୍ରାରେ ଖର୍ଚ୍ଚ କରିଥିବାରୁ ଏହାକୁ ନେଇ ବିବାଦ ସୃଷ୍ଟି ହୋଇଛି ।

ସେହିପରି ମନ୍ଦିର ସୁପରିଚାଳନା ପାଇଁ ଜଣେ ସୁପରଭାଇଜର ନିଯୁକ୍ତି ହୋଇଥିଲେ । ହେଲେ ସେ ଗତ ନଭେମ୍ବରରୁ ମନ୍ଦିର ଆସୁନାହାନ୍ତି । ଏଭଳି ସ୍ଥିତିରେ ତତ୍କାଳୀନ ତହସିଲଦାର ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ନାଏକ ମନଇଚ୍ଛା ଶ୍ରୀଜୀଉଙ୍କ ଗଚ୍ଛିତ ଅର୍ଥକୁ ଖର୍ଚ୍ଚ କରିଛନ୍ତି । ଏହାର ତଦନ୍ତ ପାଇଁ ଦାବି ହୋଇଛି । ଅପରପକ୍ଷେ ନାଏକ ଗତ ଜୁଲାଇ ୩ରେ ଭିଜିଲାନ୍ସ ଜାଲରେ ଛନ୍ଦିହୋଇ ଗିରଫ ହେବା ପରେ ମନ୍ଦିର ପରିଚାଳନା ବ୍ୟବସ୍ଥା ମୁରବୀ ଶୂନ୍ୟ ହୋଇପଡିଛି । ଏହାପରେ ସେହି ଦାୟିତ୍ୱ ତୁଲାଉଥିବା ଜଣେ ଦେବୋତ୍ତର ଅଧିକାରୀ ମନ୍ଦିରକୁ ଆସୁ ନାହାନ୍ତି । ଫଳରେ ଜଣେ ଚତୁର୍ଥଶ୍ରେଣୀ କର୍ମଚାରୀଙ୍କ ଦ୍ୱାରା ମନ୍ଦିର କାର୍ଯ୍ୟ ପରିଚାଳନା କରାଯାଉଛି ବୋଲି ନୀଳମାଧବ ପୂଜକ ସମାଜର ଉପଦେଷ୍ଟା ନିହାର ରଞ୍ଜନ ମିଶ୍ର ଅଭିଯୋଗ କରିଛନ୍ତି । ଚନ୍ଦନ ଯାତ୍ରାରେ ଯେଭଳି ମନଇଚ୍ଛା ଟଙ୍କା ଖର୍ଚ୍ଚ କରାଗଲା ତା'ର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସେ ଦାବି କରିଛନ୍ତି । ଅପରପକ୍ଷେ ଦାୟିତ୍ୱ ତୁଲାଉଥିବା ମୋହରୀର ବାଇଧର ରାଉତଙ୍କ ସୂଚନା କ୍ରମେ ମନ୍ଦିର ପରିଚାଳନାରେ ଆବଶ୍ୟକ ହେଉଥିବା ଅର୍ଥ ଏବଂ ଆଗକୁ ଥିବା ବିଭିନ୍ନ ପର୍ବ ଓ ନୀତିକାନ୍ତି ପାଇଁ ଅଗ୍ରୀମ ଟଙ୍କାର ଆବଶ୍ୟକ ପଡୁଛି । ସେଥିପାଇଁ ସେ ବିଭାଗୀୟ ଅଧିକାରୀଙ୍କ ପାଖକୁ ପ୍ରତ୍ୟେହ ଯିବା ଆସିବା କରିବାରେ ସମୟ ଚାଲି ଯାଉଛି । ଅଗ୍ରୀମ ଟଙ୍କା ନ ଆଣିଲେ ଠାକୁରଙ୍କ ନୀତି ତୁଲାଇବା କଷ୍ଟ ହୋଇ ପଡିବ । ତେଣୁ ମୁଁ ଅଫିସକୁ ଦୌଡି ଟଙ୍କା ଆଣିବାର ବ୍ୟବସ୍ଥା କରୁଥିବାରୁ ମନ୍ଦିର ପରିଚାଳନା ପାଇଁ ଚତୁର୍ଥଶ୍ରେଣୀ କର୍ମଚାରୀଙ୍କ ଉପରେ ନିର୍ଭର କରିବାକୁ ପଡିଛି । ଏଥିପାଇଁ ଖୁବ୍‌ଶୀଘ୍ର ନୂତନ ମ୍ୟାନେଜର ଓ ସୁପରଭାଇଜର ପଦବୀ ପୂରଣ ପାଇଁ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ସେ ନିବେଦନ କରିଛନ୍ତି ।

ଗତ ଜୁଲାଇରେ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଖଣ୍ଡପଡ଼ା ଅତିରିକ୍ତ ତହସିଲଦାର ରାଜାରାମ ଛତ୍ରିଆଙ୍କ ସହ ଏ ନେଇ ଯୋଗାଯୋଗ କରାଯାଇଥିଲା । ସେ ମନ୍ଦିର ଆସି ଘଟଣା ସମ୍ପର୍କରେ ବୁଝିବା ସହ ଏ ଦିଗରେ ପଦକ୍ଷେପ ଗ୍ରହଣ ନିମନ୍ତେ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଛନ୍ତି ।

## ରାସ୍ତା ପାର୍ଶ୍ୱରେ ଡ୍ରେନ୍ ନାହିଁ, ଘରେ ପଶୁଛି ବର୍ଷା ପାଣି



ଖଣ୍ଡପଡ଼ା,୮।୮ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ ଖଳିସାହିରୁ କୋସକା ଦେଇ ଆଡକଟା ଛକକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତାର ସମ୍ପ୍ରସାରଣ କାର୍ଯ୍ୟ ଗତ ୨ବର୍ଷ ତଳେ ଶେଷ ହୋଇଥିଲା । ଉକ୍ତ ରାସ୍ତାର କୋସକା ଛକ ଉପରେ ସାମାନ୍ୟ ବର୍ଷା ହେଲେ ରାସ୍ତା ଉପରେ ବର୍ଷା ପାଣି ଜମି ରହୁଛି । ଜଳ ନିଷ୍କାସନ ନିମନ୍ତେ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ରାସ୍ତା ଉପରେ ପାଣି ଜମି ରହିବା ସହ ରାସ୍ତା ପାର୍ଶ୍ୱରେ ସ୍ଥାୟୀ ବାସଗୃହ ନିର୍ମାଣ କରି ରହୁଥିବା ଲୋକଙ୍କ ଘରେ ପାଣି ପ୍ରବେଶ କରୁଛି । ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ ନିର୍ମାଣ ନିମନ୍ତେ ଖଣ୍ଡପଡ଼ା ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷ ନତୁବା ବ୍ଲକ ପ୍ରଶାସନ ଦୃଷ୍ଟି ଦେବାକୁ କୋସକା ପଞ୍ଚାୟତବାସୀ ଦାବି କରିଛନ୍ତି ।



ସମାବେଶରେ ଯୋଗଦେଇଥିବା ଶ୍ରମିକ ସଂଘର କର୍ମକର୍ତ୍ତା ।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମନ୍ଦିର ମାଳୀ ମୃତ

ନୟାଗଡ଼/ଖଣ୍ଡପଡ଼ା,୮।୮ (ଲୋକନାଥ ମିଶ୍ର/ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଜଗନ୍ନାଥପ୍ରସାଦ ପଞ୍ଚାୟତ କୁହାହରା ଗ୍ରାମର ପୁରାତନ ଶିବ ମନ୍ଦିରରେ ଗୁରୁବାର ସନ୍ଧ୍ୟାରେ ମନ୍ଦିର ମାଳି ପ୍ରଭାକର ମହାପାତ୍ର (୭୦) ଯିବା ସମୟରେ ବିଦ୍ୟୁତ ସଂସ୍ପର୍ଶରେ ଆସି ପ୍ରାଣ ହରାଇଛନ୍ତି । ମାଳିଙ୍କ ମୃତଦେହ ମନ୍ଦିର ନିକଟରେ ପଡି ରହିଥିଲା । ଖବର ପାଇ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

ନୟାଗଡ଼ ବ୍ଲକ୍ ପାଣ୍ଡିରି ଗ୍ରାମର ପ୍ରଭାକର ମହାପାତ୍ର କୁହାହରା ଗାଁର ଶିବ ମନ୍ଦିରରେ ମାଳି ଭାବେ କାମ କରୁଥିଲେ । ଗୁରୁବାର ଅପରାହ୍ନ ପ୍ରାୟ ସାଢେ ୫ଟା ସମୟରେ ବର୍ଷା ଲାଗି ରହିଥିଲା । ପ୍ରଭାକର ପୋଖରୀ ନିକଟରେ ଥିବା ମନ୍ଦିରକୁ ପୂଜା ପାଇଁ ଯାଇଥିଲେ । ମନ୍ଦିର ଭିତରକୁ ପ୍ରବେଶ କରିବା ସମୟରେ ବିଦ୍ୟୁତ ସଂସ୍ପର୍ଶରେ ଆସି ପ୍ରାଣ ହରାଇଥିଲେ । ଏ ସମ୍ପର୍କରେ ଖଣ୍ଡପଡ଼ା ବିଦ୍ୟୁତ୍ (ଟିପିସିଓଡିଏଲ) ଉପଖଣ୍ଡ କନିଷ୍ଠ ଯନ୍ତ୍ରୀ ଆଦିତ୍ୟ କୁମାର ଦାଶଙ୍କ ସହ ଯୋଗାଯୋଗ କରାଯାଇଥିଲା । ପୋଖରୀ ନିକଟରେ ଥିବା ଏହି ମନ୍ଦିରକୁ ବେନିୟମ ଭାବେ ହୁକ୍ ପକାଯାଇ ବିଦ୍ୟୁତ ସଂଯୋଗ ନିଆଯାଇଥିଲା । ହୁକ୍ ପକାଯାଇଥିବା ତାରଟି କଟି ମନ୍ଦିରର ଲୁହାଗ୍ରୀଲ ସଂସ୍ପର୍ଶରେ ଆସିଥିଲା । ବର୍ଷାରେ ଓଦା ହୋଇଥିବା ପ୍ରଭାକର ଲୁହା ଗ୍ରୀଲକୁ ଛୁଇଁବା କ୍ଷଣି ବିଦ୍ୟୁତ୍ ସଂସ୍ପର୍ଶରେ ଆସି ପ୍ରାଣ ହରାଇଥିଲେ ବୋଲି ସେ କହିଛନ୍ତି ।

## ଶ୍ରମିକ ସଙ୍ଗଠନ କର୍ମକର୍ତ୍ତାଙ୍କ ସମାବେଶ

### ଶ୍ରମିକଙ୍କ ସ୍ୱାର୍ଥପାଇଁ ଏକାଠି ହେଲେ

ନୟାଗଡ଼,୮।୮ (ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକ ଇଟାମାଟି ନିକଟସ୍ଥ ପ୍ରତାପପ୍ରସାଦସ୍ଥିତ ମା'ଭୈରବୀ ମନ୍ଦିର ପ୍ରାଙ୍ଗଣରେ ବୁଧବାର ଶ୍ରମିକ ସଙ୍ଗଠନ କର୍ମକର୍ତ୍ତାଙ୍କ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି । ସରକାରଙ୍କ ବିଭିନ୍ନ ଯୋଜନା ରହିଥିବା ବେଳେ ଶ୍ରମିକମାନେ ଉପେକ୍ଷିତ ଓ ଅଣଦେଖାର ଶିକାର ହେଉଥିବାରୁ ଟ୍ରେଡ୍ ୟୁନିୟନ ସମନ୍ୱୟ କମିଟି ନାମରେ ଏକ ସଂଘ ଗଠନ କରାଯାଇଛି । ଟ୍ରେଡ୍ ୟୁନିୟନ ନେତା ପ୍ରମୋଦ ମହାରଣାଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବରିଷ୍ଠ ଶ୍ରମିକନେତା ଶ୍ରୀକାନ୍ତ ପଟ୍ଟନାୟକ ସଭାପତିତ୍ୱ କରିଥିଲେ । ନୟାଗଡ଼ ଜିଲାର ଶ୍ରମିକମାନେ ସେମାନଙ୍କ ସମସ୍ତ ସହାୟତା ସୁବିଧାରେ ପାଇବା ଏବଂ ଶ୍ରମିକମାନଙ୍କ ସ୍ୱାର୍ଥରକ୍ଷା ପାଇଁ ଶ୍ରମିକ ସଙ୍ଗଠନମାନେ ଯତ୍ନବାନହୋଇ କାର୍ଯ୍ୟ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି । ଶ୍ରମ ବିଭାଗରେ ଯେଉଁସବୁ ସମସ୍ୟା ସୃଷ୍ଟି ହେଉଛି ତା'ର ସମାଧାନ କରିବା ନିମନ୍ତେ ଏହି ଟ୍ରେଡ୍ ୟୁନିୟନ ସମନ୍ୱୟ କମିଟି ଦାୟିତ୍ୱ ନେବ ।

ଅନ୍ୟପକ୍ଷେ ଶ୍ରମିକମାନଙ୍କ କିପରି ଉପକୃତ ହେବେ ଓ ଶ୍ରମ ବିଭାଗର କର୍ମଚାରୀମାନେ କିଭଳି ଠିକ୍ ଭାବେ କାମ କରିବେ ସେ ନେଇ ପଦକ୍ଷେପ ନେବାକୁ ନିଷ୍ପତ୍ତି ହୋଇଛି । ଏ ବିଷୟରେ ଶ୍ରମବିଭାଗକୁ ଆସନ୍ତା ସୋମବାର ସମନ୍ୱୟ କମିଟିର ଏକ ଅନୁରୋଧପତ୍ର ପ୍ରଦାନ କରିବା ସହିତ ନୟାଗଡ଼ ଜିଲାର ୪ ବିଧାୟକଙ୍କ ସହ ସାକ୍ଷାତ କରି ଶ୍ରମିକଙ୍କ ଉନ୍ନତି ପାଇଁ କିଭଳି ଅଧିକରୁ ଅଧିକ କାମ କରାଯିବ ସେ ବିଷୟରେ କମିଟି ସଦସ୍ୟମାନେ ମତ ରଖିଥିଲେ । ଶ୍ରମ ବିଭାଗ କାର୍ଯ୍ୟାଳୟରେ ଶୃଙ୍ଖଳିତ ଭାବେ କାର୍ଯ୍ୟ କରିବା ପାଇଁ ଏକ ୧୦ ଜଣିଆ କମିଟି ଗଠନ କରାଯାଇଛି । କମିଟିରେ ଶ୍ରୀକାନ୍ତ ପଟ୍ଟନାୟକ, ପ୍ରମୋଦ ମହାରଣା,ବସୁଦେବ ମହାନ୍ତି,ଆଲୋକ ପ୍ରଧାନ,ସଞ୍ଜୟ ଦାସ,ସମରେନ୍ଦ୍ର ଦାସ,ରଘୁନାଥ ମହାରଣା,ସବିତାରାଣୀ ସାଥୁଆ,ସଞ୍ଜୟ ସାହୁ ସଭ୍ୟ ସ୍ଥାନ ପାଇଛନ୍ତି ।

## ପିଏମ୍‌ଶ୍ରୀ ଯୋଜନାରେ ୧୯ ହାଇସ୍କୁଲ୍ ସାମିଲ

ଖଣ୍ଡପଡ଼ା,୮।୮ (ଅଜୟ କୁମାର ମହାରଣା)

ପ୍ରଧାନମନ୍ତ୍ରୀ ସ୍କୁଲ ଫର୍ ରାଇଜିଂ ଇଣ୍ଡିଆ (ପିଏମ୍‌ଶ୍ରୀ) ଯୋଜନାରେ ଖଣ୍ଡପଡ଼ା ବ୍ଲକର ୧୯ ହାଇସ୍କୁଲ ସାମିଲ ହୋଇଛି । ଖଣ୍ଡପଡାସ୍ଥିତ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, କଣ୍ଟିଲୋ ନୀଳମାଧବ ବିଦ୍ୟାପୀଠ, କୁଞ୍ଜ ବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଖଳିସାହି ଲିଙ୍ଗରାଜ ଉଚ୍ଚ ବିଦ୍ୟାଳୟ, ଶ୍ରୀ ନୀଳକଣ୍ଠେଶ୍ୱର ଦେବ ବାଳିକା ଉଚ୍ଚ ବିଦ୍ୟାଳୟ, ସିଧାମୂଳା ଗୋକୁଳାନନ୍ଦ ଜୀଉ ବିଦ୍ୟା ମନ୍ଦିର, ବଳରାମପ୍ରସାଦ ସ୍ଥିତ କୃଷ୍ଣ ଗୌରାଙ୍ଗ ମେମୋରିଆଲ ଉଚ୍ଚ ବିଦ୍ୟାଳୟ, କୋସକାସ୍ଥିତ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ, ବନମାଳୀପୁର ଉଚ୍ଚ ବିଦ୍ୟାଳୟ, ରୟତ ଡୋଳମରା ଗ୍ରାମର ବାପୁଜୀ ବିଦ୍ୟାପୀଠ, ନଟବରପୁର ଶାସନ ଗ୍ରାମର ରାମଚଣ୍ଡୀ ଉଚ୍ଚ ବିଦ୍ୟାଳୟ, ବେଣାଗାଡିଆ ଗ୍ରାମର ସାତଗାଁ ବିଦ୍ୟାଧର ଉଚ୍ଚବିଦ୍ୟାଳୟ, ଶିଖରପୁର, ଯୋଗିଆପଲ୍ଲୀ, ଶାଳଝରିଆ, ସିଂଘାପଡା, ଜଗନ୍ନାଥପ୍ରସାଦ ଓ କୁମ୍ଭାରପଡା ଉଚ୍ଚ ବିଦ୍ୟାଳୟ ଆଦି ପିଏମଶ୍ରୀ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ଖଣ୍ଡପଡା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର କରଙ୍କଠାରୁ ପ୍ରକାଶ । ଉପରୋକ୍ତ ବିଦ୍ୟାଳୟ ଗୁଡିକ ରାଜ୍ୟ ସରକାରଙ୍କ ପକ୍ଷରୁ ୫-ଟି ରୁପାନ୍ତରୀକରଣ ଯୋଜନାରେ ସାମିଲ ହୋଇଥିଲା ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଆକାଶ



@ ବିମଳ



@ ଜଟଶଙ୍କର



@ ସିଦ୍ଧାର୍ଥ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ ।

## ବର୍ଷାଜଳ ଅମଳ ପ୍ରକଳ୍ପ କାର୍ଯ୍ୟ ନିମ୍ନମାନର ଅଭିଯୋଗ



ଖଣ୍ଡପଡ଼ା,୮।୮ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରର ବିଭିନ୍ନ ସ୍ଥାନରେ ବର୍ଷା ଜଳକୁ ସଂରକ୍ଷିତ ରଖିବା ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟରେ ବର୍ଷାଜଳ ଅମଳ ପ୍ରକଳ୍ପ ନିର୍ମାଣ କରାଯାଇଥିଲା । ଖଣ୍ଡପଡ଼ା ସହରର ୫ନଂ ୱାର୍ଡ, ନୀଳାଚଳ ସାହି ନିକଟରେ ନିର୍ମିତ ହୋଇଥିବା ବର୍ଷାଜଳ ଅମଳ ପ୍ରକଳ୍ପ କାର୍ଯ୍ୟ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି । ଲଗାଣ ବର୍ଷାରେ ବର୍ଷା ଜଳ ଅମଳ ପ୍ରକଳ୍ପର ଗୋଟିଏ ପାର୍ଶ୍ୱ ସିମେଣ୍ଟ କାନ୍ଥ ଭାଙ୍ଗି ଖସିପଡିଛି । ମୁଖ୍ୟମନ୍ତ୍ରୀ କର୍ମତତ୍ପର ଯୋଜନାରେ ନିର୍ମିତ ଏହି ପ୍ରକଳ୍ପ କାର୍ଯ୍ୟ ନିମ୍ନମାନର ହୋଇଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ କରାଯାଇଛି । ଏ ସମ୍ପର୍କରେ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ନିରଞ୍ଜନ କୁମାର ଧଳଙ୍କ ସହ ଯୋଗାଯୋଗ କରାଯାଇଥିଲା । ସେଥିପ୍ରତି ଏଥିପ୍ରତି ଦୃଷ୍ଟି ଦେବେ ବୋଲି କହିଛନ୍ତି ।

## ବିସ୍ତୃତ ତଥ୍ୟ ଦାଖଲ ପାଇଁ ସରକାରଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ/ନୟାଗଡ଼,୮।୮ (କାର୍ତ୍ତିକ ସାହୁ/ଲୋକନାଥ ମିଶ୍ର)

- ନୟାଗଡ଼: ୧୦୭ ଗାଁକୁ ନାହିଁ ସବୁଦିନିଆ ରାସ୍ତା
- ୨୪୭ ଗାଁରେ ମୋବାଇଲ୍ ସେବା ଅପହଞ୍ଚ

ନୟାଗଡ଼ ଜିଲାର ଖଣ୍ଡପଡ଼ା ବ୍ଲକ ଅଧୀନସ୍ଥ ସାଧୁଆପଲ୍ଲୀ ଅଞ୍ଚଳରେ ଲୋକେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳରୁ ବଞ୍ଚିତ । ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଓ ବିଚାରପତି ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସଂକ୍ରାନ୍ତ ମାମଲାର ଗୁରୁବାର ଶୁଣାଣି କରି ରାଜ୍ୟ ସରକାରଙ୍କୁ ବିସ୍ତୃତ ତଥ୍ୟ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

ପ୍ରକାଶ ଯେ, ଆବେଦନକାରୀ ଭାରତୀୟ ବିକାଶ ପରିଷଦର ସଭାପତି ସୁରେନ୍ଦ୍ର ପାଣିଗ୍ରାହୀଙ୍କ ପକ୍ଷରୁ ରୁଜୁ ଜନହିତ ମାମଲାର ଗୁରୁବାର ଶୁଣାଣିରେ ହାଇକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶ ଅନୁସାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ଷ୍ଟାଟସ୍ ରିପୋର୍ଟ ଦାଖଲ କରାଯାଇଥିଲା । ଉକ୍ତ ଷ୍ଟାଟସ୍ ରିପୋର୍ଟ ଅନୁଯାୟୀ, ନୟାଗଡ଼ ଜିଲାରେ ୧୬୭୨ଟି ଗାଁ ମଧ୍ୟରୁ ୧୦୭ ଗାଁକୁ ସବୁଦିନିଆ ଭଲ ରାସ୍ତା ନାହିଁ । ୨୪୭ଟି ଗାଁରେ ମୋବାଇଲ୍ ସଂଯୋଗ ନାହିଁ । ଏଥିସହ ଗ୍ରାମବାସୀଙ୍କର ନଳକୂପ ଥିବାବେଳେ ଖୁବ୍‌ଶୀଘ୍ର ମେଗା ପାନୀୟଜଳ ପ୍ରକଳ୍ପ ସଂଯୋଗ କରାଯିବ ବୋଲି ରିପୋର୍ଟରେ ଦର୍ଶାଯାଇଛି । ୧୪୪୩ ଗାଁକୁ ବିଦ୍ୟୁତ୍ ସଂଯୋଗ ରହିଥିବାବେଳେ ୨୨୯ଟି ଗାଁକୁ ବିଦ୍ୟୁତ୍ ସଂଯୋଗ ନାହିଁ । ଅଦାଲତ ମାମଲାର ଶୁଣାଣି କରି ବିଦ୍ୟୁତ୍ ସଂଯୋଗ ନିମନ୍ତେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ବିସ୍ତୃତ ତଥ୍ୟ ସତ୍ୟପାଠ ମାଧ୍ୟମରେ ଦାଖଲ କରିବାକୁ ନୟାଗଡ଼ ଜିଲାପାଳଙ୍କୁ ଆଦେଶ ଦେଇଛନ୍ତି । ପୂର୍ବରୁ ନୟାଗଡ଼ ଜିଲାପାଳ ହାଇକୋର୍ଟରେ ଭର୍ଚୁଆଲ୍ ମାଧ୍ୟମରେ ହାଜର ହୋଇ ସତ୍ୟପାଠ ଦାଖଲ କରିଥିଲେ । ଉକ୍ତ ସତ୍ୟପାଠ ଅନୁଯାୟୀ ନୟାଗଡ଼ ଜିଲାର କେତେକ ଅଞ୍ଚଳକୁ ପାଇପ ଯୋଗେ ପାଣି ଯୋଗାଣ ପାଇଁ ପ୍ରକଳ୍ପ କାର୍ଯ୍ୟ ଚାଲିଛି । ସେହିପରି ଗମନାଗମନ ସ୍ଥିତିରେ ତୁରନ୍ତ ସୁଧାର ଅଣାଯିବା ନେଇ କାର୍ଯ୍ୟ ଚାଲିଛି ବୋଲି ସତ୍ୟପାଠରେ ଦର୍ଶାଯାଇଥିଲା ।

ସୂଚନାଯୋଗ୍ୟ, ନୟାଗଡ଼ ଜିଲାର ସାଧୁଆପଲ୍ଲୀ, ସଲପଗଣ୍ଡା ଓ ମୂଷିଗୁଡ଼ା ଗ୍ରାମକୁ ପକ୍କା ସଡ଼କ ସହିତ ବିଦ୍ୟୁତ ସଂଯୋଗ, ପାନୀୟଜଳ ପାଇପ ନ ଥିବା ଅଭିଯୋଗ କରି ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଥିଲା । ଅଞ୍ଚଳବାସୀ ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ ବୋଲି ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କରିଆସୁଥିଲେ ମଧ୍ୟ କୌଣସି ଫଳ ମିଳି ନ ଥିଲା । ଏହି ମାମଲାରେ ରାଜ୍ୟ ମୁଖ୍ୟ ଶାସନ ସଚିବ, ପଞ୍ଚାୟତିରାଜ ବିଭାଗର ପ୍ରମୁଖ ଶାସନ ସଚିବ, ପାନୀୟଜଳ ବିଭାଗ ସଚିବ, ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ, ରାଜସ୍ୱ କମିଶନର କଟକ, ନୟାଗଡ଼ ଜିଲାପାଳ ଏବଂ ଖଣ୍ଡପଡ଼ା ଓ ଗଣିଆ ବିଡିଓ ପ୍ରମୁଖଙ୍କୁ ପକ୍ଷଭୁକ୍ତ କରାଯାଇଥିଲା । ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଗୋପାଳ ପ୍ରସାଦ ଜେନା ଉକ୍ତ ମାମଲା ପରିଚାଳନା କରୁଛନ୍ତି ।

